# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୭/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, February 27/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 95 | ମୂଲ୍ୟ ₹୭/-




**ମୟଙ୍କ ଅଗ୍ରୱାଲଙ୍କ ଶତକ**

ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ଫାଇନାଲ ମ୍ୟାଚରେ ଶତକ ହାସଲ କରି ଅପରାଜିତ ଅଛନ୍ତି କର୍ନାଟକ ବ୍ୟାଟର ମୟଙ୍କ ଅଗ୍ରୱାଲ।

୧୪

୦୨

**ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା**

୨,୨୨୦ କୋଟି ଟଙ୍କା ବ୍ୟାଙ୍କ ଦୁର୍ନୀତି ଅଭିଯୋଗରେ ସିବିଆଇ ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ ବିରୋଧରେ ସାନି ମାମଲା ରୁଜୁ କରିଛି।





ଚେନ୍ନାଇସ୍ଥିତ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଗୁରୁବାର ଜିମ୍ବାୱେ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ରନ୍ ସଂଗ୍ରହ ଅବସରରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା। **(ରିପୋର୍ଟ ଖେଳ ପୃଷ୍ଠାରେ)**

# 'ନ୍ୟାୟପାଳିକାରେ ଦୁର୍ନୀତି' ହଟାଇଲେ ସୁପ୍ରିମକୋର୍ଟ

**ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ବିଷୟ ଛାପି ହଟହଟା ହୋଇଥିବା ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)କୁ ଗୁରୁବାର ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏନ୍‌ସିଇଆର୍‌ଟିକୁ ଏହି ପ୍ରସଙ୍ଗରେ ଭର୍ତ୍ସନା କରି କହିଛନ୍ତି, ନ୍ୟାୟପାଳିକାର ମର୍ଯ୍ୟାଦା ହାନି ଓ ସାମ୍ବିଧାନିକ ସଂସ୍ଥାର ବଦ୍‌ନାମ ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି। ସେମାନେ ଗୁଳିମାଡ଼ କରିଛନ୍ତି, ଏଥିରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ଏଥିସହ ବିବାଦୀୟ ଅଧ୍ୟାୟ ସନ୍ନିବେଶିତ ସମ୍ପୂର୍ଣ୍ଣ ପୁସ୍ତକର ପ୍ରକାଶନ, ପୁନଃ ମୁଦ୍ରଣ କିମ୍ବା ଡିଜିଟାଲ ପ୍ରସାରଣକୁ ଖଣ୍ଡପୀଠ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏନ୍‌ସିଇଆର୍‌ଟି ପୁସ୍ତକରେ ବିବାଦୀୟ ବିଷୟବସ୍ତୁକୁ ସ୍ଥାନିତ କରାଯିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପ୍ରରୋଚିତ ବଦମାସି କହି ସମାଲୋଚନା କରିଥିବାବେଳେ ଇସ୍ରାଏଲ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏସବୁ କଥା କିଏ ବୁଝୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନ୍ୟାୟପାଳିକାକୁ ଅସମ୍ମାନ କରାଯିବା ନେଇ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଦେଇଛନ୍ତି।**

ନୂଆଦିଲ୍ଲୀ,୨୬।୨(ପି.ଟି./ଲାଇଭ୍ ଲ)

## ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସମ୍ପୂର୍ଣ୍ଣ ନିଷିଦ୍ଧ

- କାହା ହାତକୁ ବିବାଦୀୟ ବହି ନ ଯାଉ: ସିଜେଆଇ
- ଆର୍‌ଏସ୍‌ଏସ୍ ପ୍ରେରିତ ବଦମାସି: କଂଗ୍ରେସ
- କିଏ ଦେଖୁଛନ୍ତି ଏସବୁ: ପ୍ରଧାନମନ୍ତ୍ରୀ
- ସୁପ୍ରିମକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିଲା ସ୍କୁଲ ଶିକ୍ଷା ବିଭାଗ
- ଉତ୍ତରଦାୟିତ୍ୱ ସ୍ଥିର କରି କାର୍ଯ୍ୟାନୁଷ୍ଠାନ ନେବୁ: ଶିକ୍ଷାମନ୍ତ୍ରୀ

ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସୋମବାର ପ୍ରକାଶ ପାଇବା ମାତ୍ରେ ସେଥିରେ ଥିବା ଏକ ବିଷୟକୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଥିଲା। ନ୍ୟାୟପାଳିକାରେ ଦୁର୍ନୀତିର ଅବତାରଣା କରି ଅଧ୍ୟାୟର ନାମ ରଖାଯାଇଥିଲା 'କରପ୍‌ସନ ଆଟ୍ ଭେରିଅସ୍ ଲେଭେଲ୍ସ ଅଫ୍ ଦି ଜୁଡିସିଆରି'। ଏଥିରେ ବିଭିନ୍ନ କାରଣରୁ ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଗୁଡ଼ିକରେ ଗଚ୍ଛୁଥିବା ମାମଲା ସଂଖ୍ୟା ବୃଦ୍ଧି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା। ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ଭଳି ଆହ୍ୱାନ ଦେଇ ନ୍ୟାୟପାଳିକା ଗତି କରୁଥିବାରୁ ଭାରତର ସୁପ୍ରିମକୋର୍ଟ ଓ ରାଜ୍ୟଗୁଡ଼ିକର ହାଇକୋର୍ଟରେ ଏଭଳି ଅଚଳାବସ୍ଥା ଉପୁଜିଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଥିଲା, ଯାହାକୁ ବିରୋଧୀ ଓ ବୁଦ୍ଧିଜୀବୀ ହଜମ କରିପାରି ନ ଥିଲେ। ତେବେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁ ସିଂଘଭି ଏଥିଯୋଗୁ ନ୍ୟାୟପାଳିକାର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଥିବା ଦର୍ଶାଇ ଏହା ଉପରେ ଜରୁରୀ ଶୁଣାଣି କରାଯାଉ ବୋଲି ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସଂଜ୍ଞାନକୁ ନେଇ ବୁଧବାର ନିଜ ଆଡୁ ଶୁଣାଣି କରିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ଥିବା କହି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ☞ପୃଷ୍ଠା-୪

# ଧାନ ବିକ୍ରି ଯନ୍ତ୍ରଣା: ଆଖିବୁଜିଲେ ଚାଷୀ

**ଜାନୁଆରୀ ୧୬ରେ ଆସିଥିଲା ଟୋକନ, ଫେବୃଆରୀ ୨୫ରେ ଦେଲେ ଧାନ**



ମୃତ ତ୍ରିଲୋଚନ ନାୟକ

କେନ୍ଦ୍ରାପଡ଼ା/ରାଜନଗର,୨୬।୨ (ଜଗନ୍ନାଥ ଧଳ/ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଜୁଣଗଡ଼ି ଗାଁରେ ମଣ୍ଡି ଓ ମିଲରଙ୍କ ନିର୍ଯାତନା ସହି ନ ପାରି ଜଣେ ଚାଷୀ ଆଖିବୁଜିଛନ୍ତି। ସେ ହେଲେ ତ୍ରିଲୋଚନ ନାୟକ(୫୩)। ୪୦ ଦିନ କାଳ ମଣ୍ଡିକୁ ଦୌଡି ଦୌଡି ଅଣନିଃଶ୍ୱାସୀ ହୋଇ ପଡିଥିବା ତ୍ରିଲୋଚନ ଶେଷରେ ଆଖି ବୁଜିଥିବା ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ୩ ଦିନ କାଳ ମିଲ୍ ଆଗରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡ଼ିରହି ସେ ଅସୁସ୍ଥ ହୋଇପଡ଼ିଥିଲେ। ତ୍ରିଲୋଚନଙ୍କର ଜାନୁଆରୀ ୧୬ରେ ଧାନ ଦେବାକୁ ମେସେଜ ଆସିଥିଲା। ଫେବୃଆରୀ ୧୫ ଧାନ ଦେବାର ଶେଷ ତାରିଖ ଥିଲା। ସେ ଜାନୁଆରୀ ୧୬ ତାରିଖଠାରୁ ଈଶ୍ୱରପୁରସ୍ଥିତ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ବାରମ୍ବାର ଦୌଡି ଥକି ପଡିଥିଲେ ବି ଧାନ ଦେଇପାରି ନ ଥିଲେ। ଟୋକନ୍ ଅବଧି ସରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୪ ଫେବୃଆରୀରେ ସେ ଧାନ ଦେଇ ନ ଥିଲେ ମଧ୍ୟ ତାଙ୍କର ଆଖି ସ୍କାନ କରାଯାଇଥିଲା। ଫେବୃଆରୀ ୨୩ରେ ସେ ଓ ତାଙ୍କ ଭାଇ ଦୁର୍ଯ୍ୟୋଧନ ଧାନ ନେଇ ନୁରୁଗାଁସ୍ଥିତ ରାମଚଣ୍ଡୀ ମିଲ୍‌କୁ ଯାଇଥିଲେ। ସେଠାରେ ୨୩ରୁ ୨୫ ତାରିଖ ସନ୍ଧ୍ୟା ଯାଏ ପ୍ରାୟତଃ ଅଖିଆ ଅପିଆ ତ୍ରିଲୋଚନ ଓ ଦୁର୍ଯ୍ୟୋଧନ ପଡ଼ି ରହିଥିଲେ। ଖୋଲା ଆକାଶ ତଳେ ୩ ଦିନ ରହିବା ଯୋଗୁ ତ୍ରିଲୋଚନ ଅସୁସ୍ଥ ଅନୁଭବ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସୁରକ୍ଷାର କବଚ ବିକାଶ

# ନାମାଙ୍କନ ଭରିଲେ ହାଇଦ୍ରାବାଦର ସାୟାନା

ଭୁବନେଶ୍ୱର,୨୬।୨(ସୁନିତ୍ ମିଶ୍ର)

## ରାଜ୍ୟ ସଭା ନିର୍ବାଚନ: ଜାରି ହେଲା ବିଜ୍ଞପ୍ତି

- ବିଜେଡି ତରଫରୁ ୬ ସେଟ୍ ଫର୍ମ ନେଲେ ଏମ୍‌ପି ସସ୍ମିତ ପାତ୍ର
- ଭାଜପା କହିଲା ୨ ଦିନ ଭିତରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
- ପିଏସି ବୈଠକରେ ନବୀନଙ୍କୁ ପ୍ରାର୍ଥୀ ଚୟନ ଦାୟିତ୍ୱ ଦେଲେ ନେତା
- ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ୨୮ରେ କଂଗ୍ରେସର ଚୂଡ଼ାନ୍ତ ନିଷ୍ପତ୍ତି

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ଆସନ୍ତା ମାର୍ଚ୍ଚ ୧୬ରେ ନିର୍ବାଚନ ହେବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବାର ପ୍ରଥମ ଦିନ ହିଁ ଜଣେ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ତେଲଙ୍ଗାନା ହାଇଦ୍ରାବାଦର କାନ୍ତେ ସାୟାନା ମନୋନୟନ ପତ୍ର ନେଇ ନାମାଙ୍କନ କରିଛନ୍ତି। ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ତାଙ୍କର କେହି ପ୍ରସ୍ତାବକ ନ ଥିବା ଜଣାପଡ଼ିଛି। ନିୟମାନୁଯାୟୀ ଯିଏ ପ୍ରାର୍ଥୀ ହେବେ, ତାଙ୍କର ୧୦ ଜଣ ପ୍ରସ୍ତାବକ ରହିବା ଜରୁରୀ। ବିଧାୟକମାନେ ହିଁ କେବଳ ପ୍ରସ୍ତାବକ ହୋଇପାରିବେ। ତେଣୁ ସେହି ଦୃଷ୍ଟିରୁ ଦେଖିଲେ କାନ୍ତେ ସାୟାନାଙ୍କ ମନୋନୟନ ପତ୍ର ଯାଞ୍ଚ ସମୟରେ କଟିଯିବ ବୋଲି ନିର୍ବାଚନ ଦାୟିତ୍ୱରେ ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ହାଇଦ୍ରାବାଦ୍‌ର ଜଣେ କାହିଁକି ଓଡ଼ିଶା ରାଜ୍ୟ ସଭା ପଦ ପାଇଁ ଓଡ଼ିଶାରେ ନାମାଙ୍କନ ଦାଖଲକଲେ ତାହା ବିଧାନସଭା ସଚିବାଳୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅନ୍ୟପଟେ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ତାଙ୍କ ଦଳ ତରଫରୁ ୬ ସେଟ୍ ମନୋନୟନ ପତ୍ର ନେଇଛନ୍ତି।

ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ମମତା ମହାନ୍ତ, ସୁଜିତ କୁମାର, ମୁଜିବୁଲ୍ଲା ଖାନ ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୨ରେ ଶେଷ ହେଉଛି। ଏହି ନିର୍ବାଚନ ପରିଚାଳନା କରିବା ଲାଗି ବିଧାନସଭା ସଚିବ ସତ୍ୟବ୍ରତ ରାଉତ ରିଟର୍ନିଂ ଅଧିକାରୀ ରହିଛନ୍ତି। ସେହିପରି ବିଧାନସଭାର ଯୁଗ୍ମ ସଚିବ ବିଦ୍ୟାଧର ମାଝୀ ସହାୟକ ରିଟର୍ନିଂ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ୪ ଆସନ ଲାଗି ପ୍ରାର୍ଥୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ମନୋନୟନପତ୍ର ନେଇପାରିବେ। ଏହି ସମୟ ଭିତରେ ପ୍ରାର୍ଥୀ ନିଜେ କିମ୍ବା ସେମାନଙ୍କ ପ୍ରସ୍ତାବକଙ୍କ ଜରିଆରେ ବିଧାନସଭାର ସମ୍ମିଳନୀ କକ୍ଷଠାରେ ରିଟର୍ନିଂ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିପାରିବେ। ଏହି ସମୟ ସୁଦ୍ଧା ଯଦି ସରକାରୀ ଛୁଟି କେଉଁଦିନ ପଡ଼ିବ ସେଦିନ ଉକ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ। ଆସନ୍ତା ୬ ତାରିଖରେ ମନୋନୟନ ପତ୍ର ଯାଞ୍ଚ ହେବ। ସେହିପରି ମାର୍ଚ୍ଚ ୯ରେ ମନୋନୟନପତ୍ର ଯିଏ ପ୍ରତ୍ୟାହାର କରିବାକୁ ଚାହିଁବେ ନିଜେ ପ୍ରାର୍ଥୀ କିମ୍ବା ତାଙ୍କ ସମର୍ଥକ ବା ଏଜେଣ୍ଟ ଅପରାହ୍ନ ୩ଟା ସୁଦ୍ଧା ରିଟର୍ନିଂ ଅଧିକାରୀଙ୍କ ନିକଟରେ ନୋଟିସ ଦେଇପାରିବେ। ☞ପୃଷ୍ଠା-୪

# ଆଜିଠାରୁ କମନ୍ ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର (ପିଜି) ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ଦେବାକୁ ପଡ଼ିବ। ଏହି ପ୍ରବେଶିକା ପରୀକ୍ଷା ପାଇଁ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଆବେଦନ କରିପାରିବେ। ଏପ୍ରିଲ ୨୭ରୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଠିକ୍ ସମୟରେ ସ୍ନାତକୋତ୍ତର ପାଠପଢ଼ା ଶେଷ ହେବା ସହ ପରୀକ୍ଷା ଫଳ ଘୋଷଣା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in




# ବିବାହ ବନ୍ଧନରେ ବାନ୍ଧିହେଲେ ବିଜୟ-ରଶ୍ମିକା

ଉଦୟପୁର,୨୬।୨

ଅପେକ୍ଷାର ହେଲା ଅନ୍ତ। ଦୀର୍ଘଦିନର ଚର୍ଚ୍ଚା ଓ ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ପକାଇ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ସାଉଥ ସୁପରଷ୍ଟାର୍ ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା। ଗୁରୁବାର ଏହି ଷ୍ଟାର୍ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିବା ବେଳେ ସୋସିଆଲ ମିଡିଆରେ ସେମାନଙ୍କର ପ୍ରଥମ ଫଟୋ ସାମ୍ନାକୁ ଆସିଛି।

ବିଜୟ ଏବଂ ରଶ୍ମିକାଙ୍କ ବିବାହ ଥରେ ନୁହେଁ, ବରଂ ଦୁଇଥର ହୋଇଛି। ପ୍ରଥମେ ତେଲୁଗୁ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା। ପରେ ରଶ୍ମିକାଙ୍କ ପରିବାରର କୋଡଭା ସମ୍ପ୍ରଦାୟର ପରମ୍ପରା ଅନୁସାରେ ଦ୍ୱିତୀୟ ଥର ବିବାହ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

ବିଗତ ଦିନରେ ନିଜ ସମ୍ପର୍କକୁ ନେଇ କେବେ ବି ସାର୍ବଜନୀନ ଭାବେ ମୁହଁ ଖୋଲି ନ ଥିବା ଏହି ଯୋଡ଼ି ବିବାହ ପରେ ପରସ୍ପର ପାଇଁ ଲମ୍ବା ପୋଷ୍ଟ ଲେଖିଛନ୍ତି। ରଶ୍ମିକା ଲେଖିଛନ୍ତି, "ମୋ ସ୍ୱାମୀ ମିଷ୍ଟର ବିଜୟ ଦେବରକୋଣ୍ଡାଙ୍କୁ ଭେଟନ୍ତୁ। ସେ ହେଉଛନ୍ତି ☞ପୃଷ୍ଠା-୪




ପାଟନା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଗୁରୁବାର ହାତରେ ରଙ୍ଗ ଲଗାଇ ପାଟନାଠାରେ ହୋଲି ଉତ୍ସବ ମନାଉଛନ୍ତି।

# ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ଉତ୍ତରଦାୟୀ ରୁହନ୍ତୁ ଡିଜିଟାଲ ପ୍ଲାଟ୍‌ଫର୍ମ: ଅଶ୍ୱିନୀ

ନୂଆଦିଲ୍ଲୀ,୨୬।୨(ପି.ଟି.)

ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରକାଶ ପାଉଥିବା ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ସେମାନଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଣ୍ଟେଣ୍ଟ ବା ବିଷୟବସ୍ତୁର ପ୍ରସ୍ତୁତକର୍ତ୍ତା ଏବଂ ଖବର ପ୍ରସ୍ତୁତକାରୀ ସଂଗଠନଗୁଡ଼ିକ ମଧ୍ୟରେ ଯେପରି ରାଜସ୍ୱର ସୁଷମ ବଣ୍ଟନ ହୁଏ, ତାହା ସୁନିଶ୍ଚିତ କରିବାକୁ ହେବ। କ୍ଷତିପୂରଣ କାରଣରୁ ଯଦି ବିଷୟବସ୍ତୁ ପ୍ରସ୍ତୁତକାରୀଙ୍କୁ ଉପଯୁକ୍ତ ପ୍ରାପ୍ୟ ନ ମିଳେ ତେବେ ନୂତନତ୍ୱ ପ୍ରଭାବିତ ହେବ ବୋଲି ଅଶ୍ୱିନୀ ସତର୍କ କରାଇଦେଇଛନ୍ତି।

ନୂଆଦିଲ୍ଲୀରେ ଡିଜିଟାଲ ନ୍ୟୁଜ୍ ପ୍ରକାଶକ ସଂଘ (ଡିଏନ୍‌ପିଏ) ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅଶ୍ୱିନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ସୃଷ୍ଟ ବିଷୟବସ୍ତୁର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଆଇ ଜେନେରେଟେଡ୍ କଣ୍ଟେଣ୍ଟ ପ୍ରସ୍ତୁତିରେ ଯେଉଁ ବ୍ୟକ୍ତିଙ୍କ ମୁହଁ, ସ୍ୱର କିମ୍ବା ବ୍ୟକ୍ତିତ୍ୱକୁ ବ୍ୟବହାର କରାଯାଉଛି, ତାଙ୍କ ବିନା ଅନୁମତିରେ ତାହା କରାଯିବା ଉଚିତ ନୁହେଁ। ପିଲାମାନେ ଓ ସମସ୍ତ ନାଗରିକଙ୍କ ଅନ୍‌ଲାଇନ ସୁରକ୍ଷା ଦାୟିତ୍ୱ ପ୍ଲାଟ୍‌ଫର୍ମର ବୋଲି ଅଶ୍ୱିନୀ କହିବା ସହ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ ପ୍ରଭାବଶାଳୀ ଗଣମାଧ୍ୟମ ସଂସ୍ଥାରେ ପରିବର୍ତ୍ତିତ ହୋଇଥିବା କହିଛନ୍ତି। ବୌଦ୍ଧିକ ସମ୍ପତ୍ତିକୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟସଙ୍ଗତ ପାରିଶ୍ରମିକ ମିଳିବା ଜରୁରୀ। ବିଜ୍ଞାନ,ପ୍ରଯୁକ୍ତି, କଳା ଓ ଭାଷାରେ ସମାଜର ଅଗ୍ରଗତି ଏହା ଉପରେ ନିର୍ଭର କରୁଛି। ସେଥିପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ କେବଳ ଖବର ସଂଗଠନ ନୁହେଁ ବରଂ



କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଦୂରାନ୍ତ ଅଞ୍ଚଳର ସ୍ୱାଧୀନ ବିଷୟବସ୍ତୁ ପ୍ରସ୍ତୁତକର୍ତ୍ତା, ଇନ୍‌ଫ୍ଲୁଏନ୍ସର, ପ୍ରଫେସର ଏବଂ ଗବେଷକମାନଙ୍କୁ ଉପଯୁକ୍ତ ରାଜସ୍ୱ ବଣ୍ଟନ ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ କହିଛନ୍ତି।

ସମସ୍ତ ପ୍ଲାଟ୍‌ଫର୍ମ ସେମାନଙ୍କ ବୁଝାମଣା ନୀତିର ପୁନର୍ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି। ସେମାନେ ସ୍ୱେଚ୍ଛାକୃତ ଭାବେ ଏ ଦିଗରେ ପଦକ୍ଷେପ ନିଅନ୍ତୁ। ନଚେତ୍ ଅନେକ ଦେଶ ସେମାନଙ୍କୁ ବାହାରିଯିବାର ଆଇନଗତ ମାର୍ଗ ଦେଖାଇ ସାରିଥିବା ଅଶ୍ୱିନୀ କହିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକୁ ଜାଗ୍ରତ ହେବାକୁ ହେବ ଏବଂ ବହୁ ହଜାର ବର୍ଷ ଧରି ମାନବ ସମାଜ ନିର୍ମାଣ କରିଥିବା ଅନୁଷ୍ଠାନଗୁଡ଼ିକରେ ଦୃଢ଼ ବିଶ୍ୱାସର ଗୁରୁତ୍ୱକୁ ହୃଦୟଙ୍ଗମ କରିବାକୁ ହେବ। ସମାଜ ଅନ୍‌ଲାଇନ ସୁରକ୍ଷା, ଖବର ଉପରେ ନିର୍ଭରଯୋଗ୍ୟତା, ପିଲାମାନଙ୍କ ସୁରକ୍ଷା, ଅଶ୍ଳୀଳତା ବିରୋଧରେ ସୁରକ୍ଷା , କୃତ୍ରିମ ଉପାୟରେ ପ୍ରସ୍ତୁତ ବିଷୟବସ୍ତୁ ଆଦି ଅନେକ ସମସ୍ୟା ସହ ଯୁଝୁଥିବାବେଳେ ଆଗାମୀ ଦଶକରେ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ ବୋଲି ଅଶ୍ୱିନୀ କହିଛନ୍ତି।

## ୨୮ରୁ ଏଚ୍‌ପିଭି ଟିକାକରଣ ଅଭିଯାନ: ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୬।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖ ଶନିବାର ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାଭିଲୋମାଭାଇରସ୍ (ଏଚ୍‌ପିଭି) ଟିକାକରଣ ଅଭିଯାନ ରାଜସ୍ଥାନର ଆଜମେରରୁ ଶୁଭାରମ୍ଭ କରିବେ। ୧୪ ବର୍ଷ ବୟସର କିଶୋରୀମାନଙ୍କୁ ଏହି ଟିକା ଦିଆଯିବ। ମହିଳାଙ୍କ ମଧ୍ୟରେ ପ୍ରତିକାରଯୋଗ୍ୟ କର୍କଟ ରୋଗ ଦୂରକରିବା ପାଇଁ ଏହି ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଏକକ ଡୋଜ୍ ବିଶିଷ୍ଟ ଗାର୍ଡାସିଲ୍ ୪ ହେଉଛି ଏକ କ୍ୱାଡ୍ରିଭ୍ୟାଲେଣ୍ଟ ଏଚ୍‌ପିଭି ଟିକା ଯାହା ଏଚ୍‌ପିଭି ଟାଇପ୍ ୧୬, ୧୮, ୬ ଏବଂ ୧୧ରୁ ସୁରକ୍ଷା ଦେବ। ଏଚ୍‌ପିଭି ଟାଇପ୍ ୧୬ ଏବଂ ୧୮ ଜରାୟୁ ଗ୍ରୀବା କର୍କଟ ରୋଗ କରାଇଥାଏ। ଟିକାକରଣ ଅଭିଯାନ ନେଇ ସମସ୍ତ ରାଜ୍ୟକୁ ଗତ ୨୫ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି। ଫେବୃଆରୀ ୨୮ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ୧୪ ବର୍ଷୀୟା ସମସ୍ତ କିଶୋରୀଙ୍କୁ ଏହି ଅଭିଯାନରେ ସାମିଲ କରାଯିବାକୁ ଯୋଜନା ହୋଇଛି। ଆଜମେରରୁ ପ୍ରଧାନମନ୍ତ୍ରୀ ଟିକାକରଣ ଅଭିଯାନର ଶୁଭାରମ୍ଭ କରିବାକୁ ଥିବାବେଳେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲି ସାମିଲ ହେବେ। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ପ୍ରଶାସକ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଡ଼ିହେବେ।

## ସୁନେତ୍ରା ପାୱାର ଏନ୍‌ସିପି ରାଷ୍ଟ୍ରୀୟ ସଭାପତି



ମୁମ୍ବାଇ,୨୬।୨

ଏନ୍‌ସିପି ନେତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସ୍ତ୍ରୀ ସୁନେତ୍ରା ପାୱାର ଦଳର ରାଷ୍ଟ୍ରୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଠିକ୍ ମାସକ ତଳେ ଏକ ବିମାନ ଦୁର୍ଘଟଣାରେ ଅଜିତଙ୍କ ମୃତ୍ୟୁ ହୋଇଥିଲାବେଳେ ଗୁରୁବାର ସୁନେତ୍ରାଙ୍କୁ ଦଳର ରାଷ୍ଟ୍ରୀୟ ମୁଖ୍ୟ ଭାବେ ନିର୍ବାଚିତ କରାଯାଇଛି। ଦଳର ଅନ୍ୟତମ ବରିଷ୍ଠ ନେତା ପ୍ରଫୁଲ୍ଲ ପଟେଲ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ପୂର୍ବରୁ ପ୍ରଫୁଲ୍ଲ ପଟେଲ ଏନ୍‌ସିପିର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। କିନ୍ତୁ ଅଜିତ୍‌ଙ୍କ ମୃତ୍ୟୁ ପରେ ସେ ସୁନେତ୍ରାଙ୍କୁ ଦଳୀୟ ମୁଖ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କର ପ୍ରସ୍ତାବକୁ ଦଳର କାର୍ଯ୍ୟକାରୀ କମିଟି ଗୁରୁବାର ଅନୁମୋଦନ ଦେଇଛି।

**ଭାରତ-ଇସ୍ରାଏଲ ୨୭ ଚୁକ୍ତି ସ୍ୱାକ୍ଷର**

# ଫୋକସ୍‌ରେ ପ୍ରତିରକ୍ଷା, ପ୍ରଯୁକ୍ତି

ଜେରୁଜେଲମ୍,୨୬।୨

ଭାରତ ଓ ଇସ୍ରାଏଲ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ବୁଝାମଣା ହୋଇଛି। ପ୍ରତିରକ୍ଷା, ବୈଷୟିକ ଓ ପ୍ରଯୁକ୍ତି, ନବ ଉନ୍ମେଷ ଏବଂ ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧିକରି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ଦିବସରେ ଉଭୟ ପକ୍ଷର ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା କରାଯାଇ ପ୍ରମୁଖ ୨୭ଟି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିମଧ୍ୟରେ କୃଷି ଓ ବୈଷୟିକ କ୍ଷେତ୍ର ଡ୍ରୋନ୍, ସାଟେଲାଇଟ୍ ଡାଟା, ଏଆଇ, ସାଇବର ସିକ୍ୟୁରିଟି, ଜଳସେଚନ ଓ ସାର ପରିଚାଳନା, ପେଷ୍ଟ କଣ୍ଟ୍ରୋଲ, ଗ୍ରୀନ୍ ହାଉସ୍ କଲ୍ଟିଭେଶନ ଏବଂ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଓ ପ୍ରଯୁକ୍ତି ହସ୍ତାନ୍ତର ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତ ଓ ଇସ୍ରାଏଲ ମଧ୍ୟରେ ଆଗାମୀ ଦିନରେ ବାଣିଜ୍ୟ–ବ୍ୟବସାୟ କ୍ଷେତ୍ରକୁ ସମ୍ପ୍ରସାରଣ କରାଯିବା ସହ ଉଭୟ ରାଷ୍ଟ୍ର ମିଳିତ ଭାବେ ଆତଙ୍କବାଦ ବିରୋଧୀ ଲଢ଼େଇରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ପ୍ରତିରକ୍ଷା ଏବଂ



ମିଳିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ।

ଅତ୍ୟାଧୁନିକ ବୈଷୟିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଉଭୟ ପକ୍ଷ ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ମୋଦି ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଭାରତ ଏବଂ ଇସ୍ରାଏଲ ସମ୍ପର୍କକୁ ଏକ ନୂଆ ରୂପ ଦେବା ଲାଗି ଉଭୟ ପକ୍ଷ ସ୍ୱତନ୍ତ୍ର ରଣନୀତିକ ଅଂଶୀଦାର ରାଷ୍ଟ୍ର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଥିବା ମୋଦି କହିଛନ୍ତି। ସେହିପରି ଅର୍ଥନୀତି, ସୁରକ୍ଷା ଏବଂ ରାଜନୈତିକ ସହଯୋଗ ବୃଦ୍ଧି ପାଇଁ ଇସ୍ରାଏଲ ଭାରତ ସହ ସମ୍ପର୍କ ବୃଦ୍ଧି କରିବାକୁ ସହମତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି।

# ଜେନେଭାରେ ଇରାନ–ଆମେରିକା ଆଲୋଚନା

ଜେନେଭା,୨୬।୨

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଜେନେଭାଠାରେ ଗୁରୁବାର ଚାଲିଥିବା ଆଲୋଚନା ପୁଣି ଫସର ଫାଟିବ ବୋଲି ଆଶଙ୍କା ଦେଖାଯାଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି(ଆଇଏଇଏ) ମୁଖ୍ୟ ରାଫେଲ ଗ୍ରୋସିଙ୍କ ଉପସ୍ଥିତିରେ ଆମେରିକା ଏବଂ ଇରାନ ପ୍ରତିନିଧିମାନେ ଆଲୋଚନା କରିଥିଲେ ହେଁ ଏଥିରୁ କୌଣସି ସମାଧାନର ବାଟ ଫିଟିବ ନାହିଁ ବୋଲି କୁହାଯାଉଛି। କାରଣ ଇରାନର ଆଣବିକ କାର୍ଯ୍ୟକ୍ରମ ବନ୍ଦ ହେବା ନେଇ ଆମେରିକା ଯେଉଁ ସର୍ତ୍ତ ରଖିଛି ତାହାକୁ ଇରାନ ମାନିବାକୁ ପ୍ରସ୍ତୁତ ନୁହେଁ। ଇରାନର ଆଣବିକ କାର୍ଯ୍ୟକ୍ରମ ସାମୂହିକ ବିନାଶ




ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଇରାନ କହୁଥିଲାବେଳେ ଆମେରିକା ଭିନ୍ନ ସର୍ତ୍ତ ରଖୁଛି। ଯାହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ଏହାପୂର୍ବରୁ ମଧ୍ୟ ହୋଇଥିବା ବୈଠକରେ କୌଣସି ନିର୍ଯ୍ୟାସ ବାହାରିପାରି ନ ଥିଲା। ଯାହାକୁ ନେଇ ଆମେରିକା ଆକ୍ରମଣ ଧମକ ଦେଇଥିଲା। ବର୍ତ୍ତମାନ ଚାଲିଥିବା ବୈଠକରେ ଯଦି ସମାଧାନର ବାଟ ନ ବାହାରେ, ତେବେ ଆମେରିକା ଇରାନ ବିରୋଧରେ କି ଆଭିମୁଖ୍ୟ ଗ୍ରହଣ କରିବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି।

## ସୋଲାର ସାମଗ୍ରୀ ଉପରେ ୧୨୬% ଶୁଳ୍କ ଲଗାଇଲା ଆମେରିକା

ୱାଶିଂଟନ୍,୨୬।୨

ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ୍ ପ୍ରଶାସନର ଟାରିଫ୍‌କୁ ଅବୈଧ ଘୋଷଣା କରିବା ପରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏହାମଧ୍ୟରେ ଆମେରିକା ପୁଣି ସୋଲାର(ସୌର) ସାମଗ୍ରୀ ଆମଦାନୀ ଉପରେ ୧୨୬ ପ୍ରତିଶତ ଶୁଳ୍କ ଘୋଷଣା କରିଛି। ଆମେରିକା ଭାରତରୁ ଆମଦାନୀ କରୁଥିବା ସୋଲାର ସେଲ୍ ଏବଂ ସୋଲାର ପ୍ୟାନେଲ୍ ଉପରେ ଏହି ପରିମାଣର ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛି।

# ଏପ୍‌ଷ୍ଟିନ୍ କେଳେଙ୍କାରୀ: ବୋର୍ଜ ବ୍ରେଣ୍ଡିଂଙ୍କ ଇସ୍ତଫା

ଜେନେଭା,୨୬।୨

ବହୁ ଚର୍ଚ୍ଚିତ ଏପ୍‌ଷ୍ଟିନ୍ ଯୌନ କେଳେଙ୍କାରୀ ମାମଲାରେ ଛନ୍ଦି ହୋଇ ବିଶ୍ୱ ଅର୍ଥନୈତିକ ମଞ୍ଚ(ଡବ୍ଲୁଇଓ) ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଜ ବ୍ରେଣ୍ଡିଂ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି କେଳେଙ୍କାରୀର ମୁଖ୍ୟ ନାୟକ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ପ୍ରଶ୍ନ ଉଠିବା ପରେ ଆମେରିକାର ନ୍ୟାୟିକ ବିଭାଗ ଦ୍ୱାରା ଯାଞ୍ଚ କରାଯାଇଥିଲା। ବୋର୍ଜ ଜେଫ୍ରିଙ୍କ ସହିତ ଇମେଲ୍ ଏବଂ ଟେକ୍ସଟ୍ ମେସେଜ୍ ମାଧ୍ୟମରେ ସମ୍ପର୍କ ରଖିଥିଲେ ଏବଂ ୩ଥର ରାତ୍ର ଭୋଜନରେ ଯୋଗ ଦେଇଥିବା ଯାଞ୍ଚ ସମୟରେ ଜଣାପଡ଼ିଥିଲା। ଏହି ବିଷୟ ସାମ୍ନାକୁ ଆସିବା ପରେ ବୋର୍ଜ



ଏହାକୁ ସ୍ୱୀକାର କରିବା ସହିତ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୋର୍ଜ ବିଶ୍ୱ ଅର୍ଥନୈତିକ ମଞ୍ଚରେ ୮ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହିତ ନରୱେ ସରକାରଙ୍କ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିସାରିଛନ୍ତି।

# 'ଦି କେରଳ ଷ୍ଟୋରି ୨– ଗୋଜ୍ ବିୟଣ୍ଡ' ମୁକ୍ତିଲାଭ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

କୋଚି,୨୬।୨(ପି.ଟି.)

'ଦି କେରଳ ଷ୍ଟୋରି ୨– ଗୋଜ୍ ବିୟଣ୍ଡ' ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ କେରଳ ହାଇକୋର୍ଟ ଗୁରୁବାର ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ଉକ୍ତ ଚଳଚ୍ଚିତ୍ରକୁ ସେନ୍‌ସର ବୋର୍ଡ ସାର୍ଟିଫିକେଟ ଦେବାବେଳେ ଠିକ୍‌ଭାବେ ବିଚାର କରି ନ ଥିବାର ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଥିବା ଜଷ୍ଟିସ୍ ବେଚୁ କୁରିଅନ୍ ଥୋମାସ୍ କହିଛନ୍ତି। ଶୁକ୍ରବାର ଚଳଚ୍ଚିତ୍ର ମୁକ୍ତିଲାଭ ହେବାକୁ ଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ୨ଟି ପିଟିଶନ ଦାଏର ହୋଇଥିଲା। ଚଳଚ୍ଚିତ୍ର ଯେପରି ସାମାଜିକ ସଦ୍‌ଭାବନାକୁ ବ୍ୟାଘାତ ନ କରିବ ତାହା ସୁନିଶ୍ଚିତ କରିବା ପାଇଁ ଗାଇଡ୍‌ଲାଇନ ରହିଛି। କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଏହାକୁ ଅନୁପାଳନ କରି ନ ଥିବା ଜଣାପଡୁଛି ବୋଲି ଉଚ୍ଚ ଅଦାଲତ ତାଙ୍କ ରାୟରେ କହିଛନ୍ତି। କୌଣସି ବିଷୟବସ୍ତୁର ପ୍ରଚାର ପ୍ରସାର, ଯେଉଁଥିରେ ଅସମ୍ମତି ସୃଷ୍ଟି କରିବା, ଆଇନ ଶୃଙ୍ଖଳାରେ ବାଧା ସୃଷ୍ଟି କରିବା କିମ୍ବା ସାମାଜିକ ସଦ୍‌ଭାବନାକୁ




ପ୍ରଭାବିତ କରିବା ପ୍ରବୃତ୍ତି ଥାଏ, ତାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ର ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ପରିସରରେ ଆସୁନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଚଳଚ୍ଚିତ୍ରକୁ ପ୍ରମାଣପତ୍ର ଦିଆଯାଇଥିବାବେଳେ ଶ୍ରୀଦେବ ନମ୍ବୁଦିରି ଆବେଦନ କରିଥିଲେ। କେନ୍ଦ୍ର ସରକାର ଏହା ଉପରେ ବିଚାର କରି ୨ ସପ୍ତାହ ମଧ୍ୟରେ ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମା ଜାରି ପୂର୍ବରୁ ସରକାର ଆବେଦନକାରୀ, ସିବିଏଫ୍‌ସି ଏବଂ ଚଳଚ୍ଚିତ୍ରର ନିର୍ମାତା ବିପୁଲ ଅମୃତଲାଲ ଶାହାଙ୍କ ମତାମତ ଶୁଣାଣି ପାଇଁ ସୁଯୋଗ ଦେବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

# ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା

**୨,୨୨୦ କୋଟିର ବ୍ୟାଙ୍କ ଜାଲିଆତି**

ନୂଆଦିଲ୍ଲୀ,୨୬।୨(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ (ଆର୍‌କମ୍) ବିରୋଧରେ ସାନି ମାମଲା ରୁଜୁ କରିଛି। ୨୦୧୩ରୁ ୨୦୧୭ ମଧ୍ୟରେ ଅନିଲଙ୍କ କମ୍ପାନୀ ବ୍ୟାଙ୍କ ଅଫ୍ ବରୋଦାରେ କରିଥିବା ଜାଲିଆତି ପାଇଁ ବ୍ୟାଙ୍କକୁ ୨,୨୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିଥିବା ଅଭିଯୋଗ ହୋଇଥିଲା। ଗତ ମଙ୍ଗଳବାର ବ୍ୟାଙ୍କ ପକ୍ଷରୁ ଅଭିଯୋଗ ଦାଏର ପରେ ସିବିଆଇ ତଦନ୍ତ ଆରମ୍ଭ



କରିଛି। ମାମଲା ରୁଜୁ କରିବା ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗୁରୁବାର ଅନିଲ ଅମ୍ବାନୀଙ୍କ ବାସଭବନ ସମେତ ରିଲାଏନ୍ସ କମ୍ୟୁନିକେଶନ ଲିଃର ପଞ୍ଜୀକୃତ କାର୍ଯ୍ୟାଳୟଗୁଡ଼ିକରେ ଚଢ଼ାଉ କରିଥିଲା। ସେଠାରୁ ଋଣ କାରବାର ସହ ଜଡ଼ିତ ବିଭିନ୍ନ ଦସ୍ତାବିଜ୍ ଜବତ ହୋଇଥିବା ସିବିଆଇର ଜଣେ ମୁଖପାତ୍ର କହିଛନ୍ତି। ରିଲାଏନ୍ସ କମ୍ୟୁନିକେଶନ୍ସ ବ୍ୟାଙ୍କ ଅଫ୍ ବରୋଦାରୁ ଯେଉଁ ଉଦ୍ଦେଶ୍ୟରେ ଋଣ ନେଇଥିଲା, ସେଥିରେ ବିନିଯୋଗ ନ କରି ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ସମ୍ପର୍କୀୟ ସଂସ୍ଥା ମଧ୍ୟରେ ମନଗଢ଼ା କାରବାର ଜରିଆରେ ଦୁରୁପଯୋଗ କରିଥିଲା। ୨୦୧୭ରେ ଉକ୍ତ ଆକାଉଣ୍ଟ ଅଚଳ ଘୋଷିତ ହୋଇଥିଲା। ବମ୍ବେ ହାଇକୋର୍ଟ ଉକ୍ତ ଆକାଉଣ୍ଟକୁ ଜାଲିଆତି ଦର୍ଶାଇ ଏହା ଉପରେ ସ୍ଥଗିତାଦେଶ ଘୋଷଣା କରିଥିଲେ। ଗତ ୨୩ ତାରିଖରେ ହାଇକୋର୍ଟ ଉକ୍ତ ସ୍ଥଗିତାଦେଶ ଉଠାଇଦେବା ପରେ ବ୍ୟାଙ୍କ ଅଫ୍ ବରୋଦା ସିବିଆଇରେ ଅଭିଯୋଗ ଦାଏର କରିଥିଲା, ଯାହାକୁ ତଦନ୍ତକାରୀ ସଂସ୍ଥା ଗ୍ରହଣ କରି ତୁରନ୍ତ ମାମଲା ରୁଜୁ କରିଛି।

# ପ୍ରୟାଗ ଭ୍ରମଣ ପାଇଁ ୫୦ ଅଧିକାରୀଙ୍କୁ ଲଗାଇଥିଲେ ବିଏସ୍‌ଏନ୍‌ଏଲ୍ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୨୬।୨

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ନିର୍ଦ୍ଦେଶକ ବିବେକ ବନଜଲ୍‌ଙ୍କ ପ୍ରୟାଗରାଜ ଭ୍ରମଣରେ ୫୦ ଅଧିକାରୀ ନିୟୋଜିତ ହେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ବିବେକ ଫେବୃଆରୀ ୨୫ ଏବଂ ୨୬ ଦୁଇ ଦିନ ଧରି ପ୍ରୟାଗରାଜ ଭ୍ରମଣରେ ଆସିବା ସହିତ ସଙ୍ଗମସ୍ଥଳରେ ସ୍ନାନ, ବିଭିନ୍ନ ମନ୍ଦିର ଦର୍ଶନ ଏବଂ ବୋଟ୍ ରାଇଡ୍ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ଏଥିପାଇଁ ସେ ବିଏସ୍‌ଏନ୍‌ଏଲ୍‌ର ୫୦ କନିଷ୍ଠ ଏବଂ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବା ସହିତ ବିଭିନ୍ନ ସାମଗ୍ରୀ ଆୟୋଜନ କରିବାକୁ ବରାଦ କରିଥିଲେ। ଏପରିକି



ଜ୍ୟୋତିରାଦିତ୍ୟ ସିନ୍ଧିଆ | ବିବେକ ବନଜଲ୍‌ଙ୍କ

ସ୍ନାନ ପାଇଁ ତଉଲିଆଠାରୁ ଆରମ୍ଭ କରି ତେଲ, ସାବୁନ ଏବଂ ଦର୍ପଣ ପାଇଁ ମଧ୍ୟ ବରାଦ କରିଥିଲେ। ଏହି ବିଷୟ ସାମ୍ନାକୁ ଆସିବା ପରେ ବିବାଦ ତେଜିବା ସହିତ ଖବର କେନ୍ଦ୍ର ମନ୍ତ୍ରଣାଳୟରେ ପହଞ୍ଚିଥିଲା। କେନ୍ଦ୍ର ଟେଲିଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବିବେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବା ପରେ ବିବେକଙ୍କ ପ୍ରୟାଗରାଜ ଯାତ୍ରା ବାତିଲ କରିଦିଆଯାଇଛି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ବେଳେ ପୂଜାର୍ଚ୍ଚନା କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶାର ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ଦିଲ୍ଲୀରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- **ଅନ୍ୟ ୩ ରାଜ୍ୟରେ ଓଡ଼ିଶା ଭବନ ପାଇଁ ଜମି ମିଳାଯାଇଛି**
- **ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ନିର୍ମାଣ ହେବ ଜନ ଆଶ୍ରୟ ଭବନ**

ଭୁବନେଶ୍ୱର, ୨୬।୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସାଙ୍ଗକୁ ୪୫ଟି ସୁଇଟ୍ କରାଯିବ। ପ୍ରଥମ ମହଲାରେ ଏକ ଏକ୍‌ଜିବିଶନ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ୍ ୯୩.୨୭ କୋଟି ଟଙ୍କା ବ୍ୟୟ କରାଯିବ। ନୂଆଦିଲ୍ଲୀ ସହ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବାଙ୍ଗାଲୁରୁ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ଏଥିପାଇଁ ସମ୍ପୃକ୍ତ ☞ପୃଷ୍ଠା-୫

# ୪୮ ଘଣ୍ଟାରେ ଟିକେଟ ବାତିଲ କଲେ ଲାଗିବନି ଶୁଳ୍କ

**ଡିଜିସିଏ ବଦଳାଇଲା ରିଫଣ୍ଡ୍ ନିୟମ**

- **ବୁକିଂର ୨୪ ଘଣ୍ଟା ମଧ୍ୟରେ ହୋଇପାରିବ ନାଁ ସଂଶୋଧନ**
- **ରିଫଣ୍ଡ୍ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ**

**ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ଯାତ୍ରୀମାନଙ୍କ ପାଇଁ ଟିକେଟ ରିଫଣ୍ଡ୍ ଏବଂ କ୍ୟାନ୍‌ସେଲେଶନ୍ ନିୟମରେ ବଡ଼ ପରିବର୍ତ୍ତନ କରିଛି। ଗୁରୁବାର ଜାରି ହୋଇଥିବା ନୂଆ ନିୟମ ଅନୁଯାୟୀ ଯଦି କେହି ଭୁଲ୍‌ରେ କୌଣସି ଟିକେଟ୍ ବୁକ୍ କରିଦେଇଛନ୍ତି କିମ୍ବା ପ୍ଲାନ୍ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ବୁକିଂର ୪୮ ଘଣ୍ଟା ମଧ୍ୟରେ କୌଣସି ଅତିରିକ୍ତ ଶୁଳ୍କ ନ ଦେଇ ଟିକେଟ କ୍ୟାନ୍‌ସେଲ କିମ୍ବା ପରିବର୍ତ୍ତନ କରିପାରିବେ। ଏହି ସୁବିଧା କେବଳ ସେହି କ୍ଷେତ୍ରରେ ମିଳିବ, ଯଦି ଯାତ୍ରା ତାରିଖ ବୁକିଂ ତାରିଖଠାରୁ ଘରୋଇ ଉଡ଼ାଣ ପାଇଁ ଅତିକମ୍‌ରେ ୭ ଦିନ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ୧୫ ଦିନ ପୂର୍ବରୁ ହୋଇଥିବ। ଏଭଳି ଆଉ କେତେକ ନୂଆ ନିୟମ ପାଇଁ ବିମାନ ଯାତ୍ରୀଙ୍କୁ ଅଧିକ ସୁବିଧା ମିଳିବାକୁ ଯାଉଥିବାବେଳେ ତାହା ଆସନ୍ତା ମାର୍ଚ୍ଚ ୨୬ରୁ ଲାଗୁ ହେବ। ୨୦୨୫ରେ ଭାରତରେ ୧୬.୬୯ କୋଟି ଲୋକ ବିମାନ ଯାତ୍ରା କରିଥିଲେ। ହେଲେ ଡିସେମ୍ବର ୨୦୨୫ରେ ଇଣ୍ଡିଗୋର ବିମାନ ସେବା ବ୍ୟାହତ ହେବା ପରେ ରିଫଣ୍ଡ ସମସ୍ୟା ଉଗ୍ରରୂପ ନେଇଥିଲା। କେବଳ ଡିସେମ୍ବରରେ ରିଫଣ୍ଡ ସମ୍ବନ୍ଧରେ ପ୍ରାୟ ୨,୨୦୦ରୁ ଅଧିକ (ମୋଟ ଅଭିଯୋଗର ୭.୫%) ଅଭିଯୋଗ ଆସିଥିଲା। ଭାରତୀୟ ବିମାନ ଚଳାଚଳ ନିୟାମକ ସଂସ୍ଥା 'ଡିଜିସିଏ'ର ଏହି ପଦକ୍ଷେପ ଏୟାରଲାଇନ୍ସଗୁଡ଼ିକର ଏକଚାଟିଆ ମନୋଭାବକୁ ରୋକିବା ସହ ସାଧାରଣ ଲୋକଙ୍କୁ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାର ଉଚିତ ସୁରକ୍ଷା ଦେଉଛି।**



ନୂଆଦିଲ୍ଲୀ,୨୬।୨ (ପି.ଟି.)

ଡିଜିସିଏର ନୂଆ ନିୟମ ଅନୁଯାୟୀ, ଯଦିଓ ବୁକିଂର ୪୮ ଘଣ୍ଟା ମଧ୍ୟରେ କ୍ୟାନସେଲେସନ୍ ଚାର୍ଜ ଲାଗିବ ନାହିଁ, କିନ୍ତୁ ନୂଆ ଫ୍ଲାଇଟ୍‌ର ଭଡ଼ା ଯଦି ଅଧିକ ଥାଏ, ତେବେ ସେହି ଅବଶିଷ୍ଟ ଟଙ୍କା ଯାତ୍ରୀଙ୍କୁ ଦେବାକୁ ପଡ଼ିବ। ସେହିପରି ଟିକେଟ ବୁକିଂ ସମୟରେ ନାମରେ କୌଣସି ବନାନ ଭୁଲ୍ ହୋଇଥିଲେ, ବୁକିଂର ୨୪ ଘଣ୍ଟା ମଧ୍ୟରେ ଏହାକୁ ମାଗଣାରେ ସଂଶୋଧନ କରାଯାଇପାରିବ। ଏଥିପାଇଁ ଏୟାରଲାଇନ୍ସ କୌଣସି ଚାର୍ଜ ନେଇପାରିବେ ନାହିଁ। ଏହି ସୁବିଧା କେବଳ ସେତେବେଳେ ମିଳିବ, ଯଦି ଟିକେଟ ସିଧାସଳଖ ଏୟାରଲାଇନ୍ସର ୱେବ୍‌ସାଇଟ୍‌ରୁ ବୁକ୍ ହୋଇଥିବ। ଯଦି କେହି ଯାତ୍ରୀ କୌଣସି ଏଜେଣ୍ଟ ବା ପୋର୍ଟାଲ୍ ମାଧ୍ୟମରେ ଟିକେଟ୍ ବୁକ୍ କରିଛନ୍ତି, ତେବେ ରିଫଣ୍ଡ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ। ଏୟାରଲାଇନ୍ସକୁ ୧୪ ଦିନ ମଧ୍ୟରେ ରିଫଣ୍ଡ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ। ଯଦି କୌଣସି ସ୍ୱାସ୍ଥ୍ୟଗତ କାରଣରୁ ଯାତ୍ରୀ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ (ସମାନ ପିଏନ୍‌ଆର୍‌ରେ ଥିବା) ଯାତ୍ରା କରିପାରୁନାହାନ୍ତି, ତେବେ ଉଚିତ୍ ପ୍ରମାଣ ଦେଖାଇଲେ ଏୟାରଲାଇନ୍ସ ରିଫଣ୍ଡ୍ କିମ୍ବା କ୍ରେଡିଟ୍ ସେଲ୍ (ପରବର୍ତ୍ତୀ ଯାତ୍ରା ପାଇଁ ଟଙ୍କା ଗଚ୍ଛିତ ରଖିବା)ର ସୁବିଧା ପ୍ରଦାନ କରିବେ। ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ବିମାନ ସଂସ୍ଥାର ବିଶେଷଜ୍ଞଙ୍କ ପରାମର୍ଶ ପରେ ନିଷ୍ପତ୍ତି ନିଆଯିବ।

ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରୀମାନଙ୍କୁ ଏୟାରଲାଇନ୍ ଟିକେଟ୍ ରିଫଣ୍ଡ ପ୍ରଦାନ କରିବା ପାଇଁ ସିଭିଲ୍ ଆଭିଏସନ ରିକ୍ୱାୟରମେଣ୍ଟସ (ସିଏଆର୍)ରେ କିଛି ସଂଶୋଧନ କରାଯାଇଛି। ଯାତ୍ରୀମାନେ ସମୟ ଅନୁସାରେ ରିଫଣ୍ଡ୍ ପାଉ ନ ଥିବା ନେଇ ବଢୁଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ୨୦୨୫ ଡିସେମ୍ବରରେ ଇଣ୍ଡିଗୋ ବିମାନ ଚଳାଚଳରେ ହୋଇଥିବା ବିଭ୍ରାଟ ସମୟରେ ଟିକେଟ ରିଫଣ୍ଡ ସମସ୍ୟା ବିଶେଷ ଭାବେ ଦୃଷ୍ଟିଗୋଚର ହୋଇଥିଲା। ସେହି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାରଲାଇନ୍ସକୁ ଏକ ନିର୍ଦ୍ଦିଷ୍ଟ ଟାଇମ୍‌ଲାଇନ୍ ମଧ୍ୟରେ ରିଫଣ୍ଡ୍ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହି ସଂଶୋଧିତ ସିଏଆର୍ ଫେବୃଆରୀ ୨୪ରେ ଜାରି କରାଯାଇଛି। ବର୍ତ୍ତମାନ ଏୟାରଲାଇନ୍ସଗୁଡ଼ିକୁ ଟିକେଟ ବୁକିଂ କରିବା ପରେ ଯାତ୍ରୀମାନଙ୍କୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଏକ 'ଲୁକ୍-ଇନ୍ ଅପ୍ସନ' ପ୍ରଦାନ କରିବାକୁ କୁହାଯାଇଛି।

# ସିଏଜିଙ୍କୁ ମିଳୁନି ଇନ୍ସପେକ୍ସନ କମ୍ପ୍ଲାଏନ୍ସ ରିପୋର୍ଟ

**୨୬ ବିଭାଗ ଉପରେ ଗଡୁଛି ୪୮,୪୪୫ ଜବାବ**

ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)

ରାଜ୍ୟ ସରକାର ଓଡ଼ିଶାକୁ ଦେଶରେ ବିକାଶଶୀଳ ରାଜ୍ୟ ଭାବେ ଗଢ଼ି ତୋଳିବାପାଇଁ ଅହରହ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ଯୋଜନା ପରେ ଯୋଜନା ସାଙ୍ଗକୁ ବଜେଟର ଆକାର ବଢୁଛି। ହେଲେ ବଜେଟ ଅର୍ଥ କିଭଳି ଖର୍ଚ୍ଚ ହେବ ଏବଂ ଏହା ପରେ ବିନିଯୋଗ ପ୍ରମାଣପତ୍ର ଦେବା ବେଳକୁ ବିଭିନ୍ନ ବିଭାଗ କୁଣ୍ଠକୁଣ୍ଠ ହେଉଛନ୍ତି। ରାଜ୍ୟ ମହାଲେଖାକାର(ସିଏଜି)ଙ୍କ ପକ୍ଷରୁ ଯେତେବେଳେ ଖର୍ଚ୍ଚର ହିସାବ ଲୋଡ଼ା ଯାଉଛି, ସେତେବେଳେ ଅର୍ଥ ପରାମର୍ଶଦାତାମାନେ ଝୁଙ୍କି ପଡୁଛନ୍ତି। ବର୍ଷେ କି ଦୁଇବର୍ଷ ନୁହେଁ, ବର୍ଷ ବର୍ଷ ଧରି ବିଭିନ୍ନ ବିଭାଗ ମହାଲେଖାକାରଙ୍କୁ ସେମାନଙ୍କର ଇନ୍ସପେକ୍ସନ ଓ ପାରାୱାଇଜ୍ କମେଣ୍ଟ ରିପୋର୍ଟ ଦେଇପାରୁନାହାନ୍ତି; ଯେଉଁଥିପାଇଁ ୨୬ଟି ବିଭାଗ ଉପରେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ୪୮ହଜାର ୪୪୫ ପାରା କମେଣ୍ଟ ରିପୋର୍ଟ ସହିତ ୧୧ହଜାର ୨୧୫ଟି ଇନ୍ସପେକ୍ସନ ରିପୋର୍ଟ(ଆଇଆର୍) ଗଡୁଛି ବୋଲି ବୁଧବାର ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳନୀରୁ ଜଣାଯାଇଛି।

ବୈଠକରୁ ଜଣାଯାଇଛି, ସିଏଜିଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଆଇଆର୍ ଏବଂ ପାରା କମେଣ୍ଟକୁ ନେଇ ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ଅର୍ଥ ପରାମର୍ଶଦାତାଙ୍କୁ ଏହା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭-୧୮ରୁ ୨୦୨୫-୨୬ ବର୍ଷ ମଧ୍ୟରେ କାହିଁକି ଏସବୁ ଗଡୁଛି ତାହା ଉପରେ ସଞ୍ଜୀବ ବିଭାଗସ୍ତରୀୟ ସମୀକ୍ଷା କରିବା ସହିତ ତ୍ୱରିତ୍ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

ସିଏଜିଙ୍କ ତଥ୍ୟ ଅନୁଯାୟୀ, ସବୁଠାରୁ ଅଧିକ ଆଇଆର୍ ଏବଂ ପାରାୱାଇଜ୍ କମେଣ୍ଟ ପଞ୍ଚାୟତିରାଜ ବିଭାଗ ଉପରେ ଗଡୁଛି। ୨୦୨୬ ଜାନୁଆରୀ ୩୧ ସୁଦ୍ଧା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉପରେ ୩,୦୦୬ଟି ଆଇଆର୍ ବକେୟା ଥିବାବେଳେ ୧୦ହଜାର ୩୯୨ ପାରାୱାଇଜ୍ କମେଣ୍ଟ ବାକି ରହିଛି। ସେହିପରି ରାଜସ୍ୱ ବିଭାଗ ଉପରେ ୧୪୭୧ଟି ଆଇଆର୍ ଏବଂ ୪୭୨୮ଟି ପାରାୱାଇଜ୍ କମେଣ୍ଟ ବାକି ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ୧୧୨୬ ଆଇଆର୍ ଏବଂ ୩୧୧୭ ପାରା କମେଣ୍ଟ, ପରିବହନ ବିଭାଗ ଉପରେ ୭୩୧ ଆଇଆର୍ ଏବଂ ୩୯୪୧ ପାରା କମେଣ୍ଟ, ନଗର ଉନ୍ନୟନ ବିଭାଗ ଉପରେ ୬୫୮ ଆଇଆର୍ ଏବଂ ୭୬୫୨ ପାରା କମେଣ୍ଟ, ମତ୍ସ୍ୟ ଓ ପ୍ରାଣୀ ବିକାଶ ବିଭାଗ ଉପରେ ୫୫୩ ଆଇଆର୍ ଏବଂ ୨୨୯୫ ପାରା କମେଣ୍ଟ ବକେୟା ରହିଛି। ଏହାସହିତ ଶକ୍ତି, ପୂର୍ତ୍ତ, ଇସ୍ପାତ ଓ ଖଣି, ଗୃହ, ଏସ୍‌ସିଏସ୍‌ଟି, ସ୍ୱାସ୍ଥ୍ୟ, ଅବକାରୀ, ଉଚ୍ଚଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଗଣଶିକ୍ଷା, ଆଇନ, ସମବାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ଦକ୍ଷତା ବିକାଶ, ପର୍ଯ୍ୟଟନ, ସୂଚନା ଓ ଲୋକସମ୍ପର୍କ, ଯୋଜନା ଓ ସଂଯୋଜନା, ସାଧାରଣ ପ୍ରଶାସନ ଏବଂ ଶ୍ରମ ବିଭାଗ ଉପରେ ଅବଶିଷ୍ଟ ଆଇଆର୍ ଏବଂ ପାରା କମେଣ୍ଟ ବକେୟା ଗଡୁଛି।

# ୨୦୦ କୋଟିର ଗଞ୍ଜେଇ ତେଲ ଜବତ

**ଖେଳନା ବୋଝେଇ ପିକ୍‌ଅପ୍ ଭ୍ୟାନରୁ ୧୧୪୪ କେଜି ଗଞ୍ଜେଇ ଜବତ**

ନନ୍ଦପୁର/ ପାଡୁଆ,୨୬।୨ (ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ଅଧୀନ ପାଡୁଆ ଥାନା ଅଞ୍ଚଳରୁ ଗୁରୁବାର ପ୍ରାୟ ୨ଶହ କୋଟି ଟଙ୍କାର ଗଞ୍ଜେଇ ବା ହାଶିଶ ତେଲ ପୋଲିସ ଜବତ କରିଛି। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦୁର୍ଗମ ଜଙ୍ଗଲ ଏବଂ ଜଳଘେରି ଗ୍ରାମରେ ଚାଲୁଥିବା ଏକ ଅସ୍ଥାୟୀ କାରଖାନା ଉପରେ ଚଢ଼ାଉ କରାଯାଇ ୧୮ଶହ ଲିଟର ଗଞ୍ଜେଇ ତେଲ ଜବତ କରାଯାଇଥିବାବେଳେ ଏହି କାରବାରରେ ୫ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଖେଳନା ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନ୍‌ରେ ଚଢ଼ାଉ କରି ନନ୍ଦପୁର ପୋଲିସ ୧୧୪୪କେଜିର ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ସାଧାରଣ ଭାବେ ଗଞ୍ଜେଇକୁ ନିଶା ସେବନ ଭାବେ ବ୍ୟବହାର କରାଯାଉଥିବାବେଳେ ଏଥିରୁ ପ୍ରସ୍ତୁତ ହେଉଥିବା ତେଲର ଔଷଧୀୟ ଗୁଣ ରହିଛି। ଯନ୍ତ୍ରଣା ଉପଶମ ପାଇଁ ଲୋକେ ଏହାକୁ ଦେହରେ ଲଗାଇଥାନ୍ତି। ହେଲେ କେତେଜଣ ଚୋରା ବ୍ୟବସାୟୀ ଗଞ୍ଜେଇ ଚାଲାଣବେଳେ ଧରାପଡ଼ିଯାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ଗଞ୍ଜେଇ ତେଲ ପ୍ରସ୍ତୁତ କରି ବଜାରକୁ ଚୋରାରେ ଛାଡୁଛନ୍ତି। ଏହାର ଦାମ୍ ସାମାନ୍ୟ ଗଞ୍ଜେଇଠାରୁ ୪୦ଗୁଣ ଅଧିକ ବୋଲି କୋରାପୁଟ ଏସ୍‌ପି ରୋହିତ ବର୍ମା କହିଛନ୍ତି।

କୋରାପୁଟ ଜିଲାର ପାଡୁଆ ଥାନା ଅଧୀନ ପରଜାବଡ଼ପଡ଼ା ପଞ୍ଚାୟତର ଜୋଲାପୁଟ ଜଳଘେରି ଭିତରେ ଥିବା ଚିତଲପାଡୁ ଗ୍ରାମରେ ବେଆଇନଭାବେ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ☞ପୃଷ୍ଠା-୫

# ମୋଦିଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ୧୦ କୋଟି ଟପିଲେ




ନୂଆଦିଲ୍ଲୀ,୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ କ୍ଷେତ୍ରରେ ଆଉ ଏକ ସଫଳତାର ସୋପାନ ଅତିକ୍ରମ କରିଛନ୍ତି। ବିଶ୍ୱର ପ୍ରଥମ ରାଜନେତା ଭାବେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଫଲୋଅର୍ସ ସଂଖ୍ୟା ୧୦ କୋଟି ଟପିଛି। ବିଶ୍ୱସ୍ତରରେ ସୋସିଆଲ ମିଡିଆରେ କୌଣସି ରାଜନେତାଙ୍କ ଫଲୋଅର୍ସ ଏତେ ସଂଖ୍ୟାରେ ପହଞ୍ଚିବା କ୍ଷେତ୍ରରେ ମୋଦି ହେଉଛନ୍ତି ପ୍ରଥମ ରାଜନେତା। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଲୋଅର୍ସ ସଂଖ୍ୟା ତୁଳନାରେ ମୋଦିଙ୍କ ଅନୁଗାମୀ ସଂଖ୍ୟା ଦୁଇ ଗୁଣରୁ ଅଧିକ ରହିଛି। ଇନ୍‌ଷ୍ଟାଗ୍ରାମରେ ଟ୍ରମ୍ପଙ୍କ ୪ କୋଟି ୩୨ ଲକ୍ଷ ଫଲୋଅର୍ସ ରହିଛନ୍ତି। ଅନ୍ୟ ବୈଶ୍ୱିକ ନେତାଙ୍କ ମଧ୍ୟରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋ ସବିଆନ୍ତୋଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ସଂଖ୍ୟା ୧୫ ନିୟୁତ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଡାସିଲ୍‌ଭା ଲୁଲାଙ୍କ ୧୪.୪ ନିୟୁତ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୈୟିପ ☞ପୃଷ୍ଠା-୫



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ, ସାଧାରଣ ସଭା, ସ୍ଥାନ: ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତି/ସୂଚନା ଭବନ, ସମୟ: ସକାଳ ୮ଟା ୩୦/ ସନ୍ଧ୍ୟା ୬ଟା।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ ତିଥି ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଆଚାର୍ଯ୍ୟ ହରିହର ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସମର୍ପଣ ୨୦୨୬, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଇସ୍କନ ପକ୍ଷରୁ ସର୍ବଭାରତୀୟ ସଭାପତି ମଣ୍ଡଳୀକୁ ନିର୍ବାଚିତ ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ନୂତନ ଚନ୍ଦ୍ରାଗଡ଼ି କ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଜିମାବାଦ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍ଏମ୍ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ୨୪ ପ୍ରହର ବ୍ୟାପୀ ନାମ ସଂକୀର୍ତ୍ତନ ଶୁଭାରମ୍ଭ, ସ୍ଥାନ: ଗୁନାଇଁବସାଣ ହରିସମାଜ ମଣ୍ଡପ, ଭୋଗରାଇ, ସମୟ: ସକାଳ ୯ଟା।
- ଦୁଇ ବରପୁତ୍ର ମନ୍ମଥ-ମନୋଜ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ମନ୍ମଥ-ମନୋଜ ଐତିହ୍ୟସ୍ଥଳୀ, ଶଙ୍ଖାରି, ଭୋଗରାଇ, ସମୟ: ସକାଳ ୯ଟା ୩୦।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଖାନନଗର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ଖବରଦାତାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଯୁଗସ୍ରଷ୍ଟା ସାରସ୍ୱତ ସାଧକ ଡ. ମନୋଜ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ମନ୍ମଥ-ମନୋଜ ସ୍ମାରକୀ ସଭାଗୃହ, ଶଙ୍ଖାରି, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନୂତନ ଗୃହର ଭୂମିପୂଜା, ସ୍ଥାନ: ଗରସଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ସାଇ ଫେଷ୍ଟ-୨୦୨୬ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ କ୍ୟାମ୍ପସ, ଚାନ୍ଦିପୁର ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ବାସୁଦେବ ବଳୟ, ମାର୍କୋଣା, ସିମୁଳିଆ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ସମାପନ ଓ ପୂର୍ଣ୍ଣାହୁତି, ସ୍ଥାନ: ଉଦପଦା ହରିସମାଜ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ଭଦ୍ରକ ଟିପ୍ପର ଡମ୍ପର ଆସୋସିଏଶନ ପକ୍ଷରୁ ରେଲରୋକୋ, ସ୍ଥାନ: ପୀରହାଟ, ତିହିଡ଼ି, ସମୟ:ସକାଳ ୯ଟା।
- ଶ୍ରୀଶ୍ରୀ ଗୋପବନ୍ଧୁ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ସାଠିବାଙ୍କୁଡ଼ା, ଆରଡ଼ି, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗ ଓ ଦିବ୍ୟାଙ୍ଗଙ୍କ ଅଭିଭାବକଙ୍କ ନିମନ୍ତେ ବ୍ଲକସ୍ତରୀୟ ସଚେତନତା ଶିବିର, ସ୍ଥାନ: ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଚାଷୀ ଆନ୍ଦୋଳନ ଓ ତହସିଲ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ତହସିଲ କାର୍ଯ୍ୟାଳୟ ସାମ୍ନା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସୁନ୍ଦରପୁର ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ଦେଉଳୀସ୍ଥିତ ଅଲେଖ ମହିମା ଆଶ୍ରମ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ବାବା ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ : ମୋଟରାଗଡିଆ, ହାଟଡିହୀ, ସମୟ : ସକାଳ ୬ଟା।
- ମାଣ୍ଡିଆ ଚାଷ ସମ୍ପର୍କୀତ କୃଷକ ତାଲିମ ଶିବିର,ସ୍ଥାନ: କୃଷି ପରାମର୍ଶ କେନ୍ଦ୍ର, ପାଟଣା, ସମୟ: ପୂର୍ବାହ୍ନ୧୦ଟା ୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ : ହାଟଡିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା।
- ଆନନ୍ଦପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ଖେଳପଡ଼ିଆରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଯୋଡ଼ା, ସମୟ ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଏକଲ ଶ୍ରୀ ହରି ସତ୍‌ସଙ୍ଗ ପ୍ରତିଯୋଗିତା, ସ୍ଥାନ: କେନ୍ଦୁଝର ସ୍କୁଲ ଅଫ ଇଞ୍ଜିନିୟରିଂ, ଡିମ୍ବୋ, ସଦର ବ୍ଲକ, ସମୟ: ଅପରାହ୍ନ ୪ଟା।
- କଣ୍ଟିପାଳ ଦୋଳ ପୂର୍ଣ୍ଣିମା ପାଇଁ ବୈଠକ, ସ୍ଥାନ: କଣ୍ଟିପାଳ ପଞ୍ଚାୟତ, ଆନନ୍ଦପୁର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ମା' ଭୈରବୀ ପୀଠ ପରିସର ମଧୁବନ ବାରିପଦା,ସମୟ: ସକାଳ ୮ଟା।
- ନବନିର୍ମିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ମୁର୍ଗାବାଡ଼ି, ବାରିପଦା,ସମୟ: ସକାଳ ୮ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ବଲଦିଆ, ମୋରଡ଼ା, ସମୟ: ସକାଳ ୮ଟା।
- ଜାତୀୟ ସଂହତି ଶିବିର, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କୁ ପାଣି ପମ୍ପ ବଣ୍ଟନ,ସ୍ଥାନ:ଉଦଳା ପ୍ରକଳ୍ପ ପ୍ରଶାସକଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫଗୁ ଦଶମୀ ହୋଲି ମହୋତ୍ସବ, ସ୍ଥାନ: ଉଦଳା, ବ୍ଲକ୍ ଡିହିରାକୁଳ ଦୋଳ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ଅପରାହ୍ନ ୨ଟା।

**ବ୍ରହ୍ମପୁର**
- ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ଗଞ୍ଜାମ**
- ସାଇ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା,ସୀମାଞ୍ଚଳ ମାର୍ଗ, ସମୟ: ଅପରାହ୍ନ ୫ଟା।

**କନ୍ଧମାଳ**
- କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୧ଟା ୩୦।
- ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ଉପରେ କର୍ମଶାଳା, ସ୍ଥାନ: ଫୁଲବାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**
- ଫଗୁ ଦଶମୀ ଓ ଦୋଳ ମେଳଣ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ମନ୍ଦିର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ୭୦ତମ ବାର୍ଷିକ ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: କଲ୍ୟାଣପୁର ଦେଓ୍ୱାନସାହି, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଏନ୍‌ସି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲ ମ୍ୟାଚ, ସ୍ଥାନ: ମିର୍ଜାପୁର ପଞ୍ଚାୟତ ଦନା ମଠ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଛତିଆ ରଜ ଦୋଳ ମେଳଣ ମହୋତ୍ସବ ଅବସରରେ ହସ୍ତତନ୍ତ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛତିଆ ଫୁଟବଲ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଜାମାଲାଗି ବେଶର ୩୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ନବମ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦।
- ରଘୁନାଥଜୀଉଙ୍କର ନୂତନ ମନ୍ଦିର, ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠାର ଉଦ୍‌ଯାପନ ଦିବସରେ ସୂର୍ଯ୍ୟପୂଜା, ଧେନୁପୂଜା, ପାର୍ଶ୍ୱଦେବତା ସ୍ଥାପନା,ପୂର୍ଣ୍ଣାହୁତି ଓ ମନ୍ଦିର ଉତ୍ସର୍ଗ ଓ ଭଜନ ସମାରୋହ, ସ୍ଥାନ: ନୟାଗଡ଼ ବ୍ଲକ ରାଜପାଟଣା, ସମୟ:ସକାଳ ୭ରୁ ରାତ୍ର ୧୦।
- ସମୂହ ବ୍ରତୋପନୟନ, ସ୍ଥାନ: କଣ୍ଟିଲୋ ପଞ୍ଚମୁଖି ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂଜା ଓ ଆହୁତି ପ୍ରଦାନ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ପଦଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରୁ ପଠାଣୀ ସାମନ୍ତଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୌରାଣିକ ନାଟକ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨ୟ ସେମି ଫାଇନାଲରେ ପପୁଲାର କ୍ଲବ ଢେଙ୍କାନାଳ ବନାମ ଫ୍ରେଣ୍ଡସ ପାରାଡାଇଜ୍ ଜଟଣୀ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ୍, ସମୟ:ଅପରାହ୍ନ ୪ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ଦ୍ୱିତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ମହାବିଷ୍ଣୁ ଶ୍ରୀନୃସିଂହ ଯଜ୍ଞ, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ସମୟ: ସକାଳ ୯ଟା।
- ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୋଟରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କାକୁଡିଭାଗ, ସଦର ବ୍ଲକ, ଢଙ୍କୋନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଓ ପେଟ୍ରୋଲ ଟାଙ୍କି ଉଦ୍‌ଘାଟନ, ସ୍ଥାନ: ବଳଦିଆବନ୍ଧ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସଫଳ ହେବେ। ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟିକଲେ ମଧ୍ୟ କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେବ। ପରିବାରର ଅତ୍ୟାବଶ୍ୟକ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ କାମରେ ସାହାଯ୍ୟ ସହଯୋଗ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। କଠୋର ଶ୍ରମ ଓ ସମୟ ବିନିମୟରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ।

**ମିଥୁନ** ସନ୍ତାନ ହେତୁକ ସମସ୍ୟା ଓ ଚିନ୍ତାଧାରାର ବୈଷମ୍ୟତା ମାନସିକ ଅଶାନ୍ତି ସୃଷ୍ଟିକରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏ ଦିଗରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କର୍ମକ୍ଷେତ୍ରରେ ଅର୍ଥପ୍ରାପ୍ତିର ଲାଳସା ନେଇ ସହକର୍ମୀ ଅସୁବିଧାରେ ପକାଇବେ। ବ୍ୟବସାୟ, ପରିବହନ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**କର୍କଟ** କର୍ମକ୍ଷେତ୍ରର ଯେକୌଣସି ପରିସ୍ଥିତିରେ ସାମନା କରିବାର ଧୈର୍ଯ୍ୟ ଓ କୌଶଳ ଅକ୍ଷୁଣ୍ଣ ରହିବ। ଦୀର୍ଘଦିନର ଆଶା ଫଳବତୀ ହେବ। ଆବଶ୍ୟକତାନୁସାରେ ଖର୍ଚ୍ଚାନ୍ତ ହେବେ। ଅଫିସ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମିତ ହେବେ। କ୍ରନିକ୍ ରୋଗର ପ୍ରଭାବରେ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମର ସୂଚନା ରହିଛି।

**ସିଂହ** କୌଣସି ଅଭାବ ନ ଥିଲେ ମଧ୍ୟ କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିରୁ ବ୍ୟସ୍ତତା ଅନୁଭବ କରିବେ। ଆଗାମୀ କାର୍ଯ୍ୟ ସକାଶେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ, ସାହିତ୍ୟ, ସାମ୍ବାଦିକତାକୁ ନେଇ ସମ୍ମାନ ଲାଭ କରିବେ। ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** ଦୈହିକ ଅସୁସ୍ଥତା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ପାରିବାରିକ ସ୍ତରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ସହକର୍ମୀଙ୍କୁ ସନ୍ଦେହ କରିପାରନ୍ତି।

**ତୁଳା** କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିଲେ ମଧ୍ୟ ଶାରୀରିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ସାଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଶୁଣା କଥାରେ ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିବେ। ସରକାରୀ ଦପ୍ତରରୁ କୌଣସି ଖବର ମନକୁ ଖୁସି କରାଇ ଦେଇପାରେ।

**ବିଛା** ଅପୂରଣୀୟ ଆଶା ଓ ଅଭିଳାଷଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗମନାଗମନ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ରହିଥିଲେ ହେଁ ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭ କରିବେ। ଆପଣଙ୍କ ଉନ୍ନତ ଚିନ୍ତାଧାରାନୁଯାୟୀ ଯୋଜନାଟି ଫଳପ୍ରଦ ହୋଇପାରିବ।

**ଧନୁ** ବନ୍ଧୁଙ୍କ ପ୍ରାୟୋଜିତ କାର୍ଯ୍ୟକଳାପ ପାରିବାରିକ ଅସ୍ଥିରତା ଓ କାର୍ଯ୍ୟହାନିର କାରଣ ହେବ। ସହକର୍ମୀଙ୍କ ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ ମାନସିକ ଉତ୍ତେଜନା ସୃଷ୍ଟିକରାଇ ଅନର୍ଥ ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଗିଡି ଯାଉଥିବାରୁ ସେଥିପ୍ରତି ଧ୍ୟାନ ରଖିବା ଜରୁରୀ ହୋଇପଡ଼ିବ। ପରିବହନରେ ଝଗଡ଼ା ସ୍ଥାନୀୟ ଲୋକଙ୍କ ଦ୍ୱାରା ସମାଧାନ ହୋଇଯିବ।

**ମକର** ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁବର୍ଗଙ୍କ ଦ୍ୱାରା ଆହୂତ ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି। ପାରିବାରିକ ସ୍ଥିତିରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବାର ସୁଯୋଗ ପାଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଯାନ୍ତ୍ରିକ ଜିନିଷ କିଣିବାକୁ ମନସ୍ଥ କରିପାରନ୍ତି।

**କୁମ୍ଭ** ବିଭିନ୍ନ ପ୍ରକାରର ସମସ୍ୟା ବିଜଡ଼ିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ। ପାରିବାରିକ ଖର୍ଚ୍ଚର ଭରଣା ସକାଶେ ଧାରକରଜ କରିବାକୁ ପଡିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ଉପରିସ୍ଥଙ୍କ ପୃଷ୍ଠପୋଷକତାରୁ ସମସ୍ୟା ସମାଧାନ ସକାଶେ ଫଳପ୍ରଦ ଆଲୋଚନାର ସୁଯୋଗ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସଫଳ ହେବେ। ଈର୍ଷାପରାୟଣ ବ୍ୟକ୍ତି ବିରାଧୀ ମନୋବୃତ୍ତି ପୋଷଣକରି ସକ୍ରିୟ ହୋଇପାରନ୍ତି। ସବୁ କ୍ଷେତ୍ରରେ ଶୁଣାକଥାକୁ ଗୁରୁତ୍ୱ ଦେବା ଠିକ୍ ହେବନାହିଁ।

ଆଜି ଫେବୃଆରୀ ୨୭ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ଆମଳକୀ ଏକାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୧୦।୪୯ ମି. ଗତେ ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ଗୃହାରମ୍ଭ, ଗୃହ ପ୍ରବେଶ, ନବବଧୂ ଯାତ୍ରା ଓ ଦେବତା ପ୍ରତିଷ୍ଠା ସକାଶେ ଶୁଭଦିନ। ଦିବା.ଘ.୦୬।୧୧ମି. ଗତେ ଘ.୦୬।୫୮ମି. ମଧ୍ୟେ, ଘ. ୦୭।୪୪ମି. ଗତେ ଘ.୦୯।୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୨ମି. ଗତେ ଘ. ୧୧।୫୮ମି. ମଧ୍ୟେ ରାହୁ କାଳ।

## 'ନ୍ୟାୟପାଳିକାରେ ଦୁର୍ନୀତି'...

ପ୍ରଥମ ପୃଷ୍ଠାରୁ...

ନେଇ ଗଠିତ ତଥା ସିଜେଆଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ ଗୁରୁବାର ଏହା ଉପରେ ଶୁଣାଣି କରି ବିବାଦୀୟ ପୁସ୍ତକ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି। ଫଳରେ କେତେକ ପ୍ରସଙ୍ଗରେ କିଛିବର୍ଷ ଧରି ନ୍ୟାୟପାଳିକା ସହ ମୁହାଁମୁହିଁ ଅବସ୍ଥାରେ ଥିବା କେନ୍ଦ୍ର ସରକାରଙ୍କୁ ଝଟକା ଲାଗିଛି। ସାମାଜିକ ବିଜ୍ଞାନ ବହିକୁ ବ୍ୟାନ୍ କରାଯିବା ପରେ ସଦ୍ୟ ବିବାଦର ଆପାତତଃ ଅବସାନ ଘଟିଛି। ତେବେ ସୁପ୍ରିମକୋର୍ଟ ଏହାର ତଦନ୍ତ କରାଇବେ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସ୍ପଷ୍ଟ କରିଛନ୍ତି।

ସିଜେଆଇଙ୍କ ଖଣ୍ଡପୀଠ ଗୁରୁବାର ଶୁଣାଣି ବେଳେ କହିଛନ୍ତି, ସମ୍ପୂର୍ଣ୍ଣ ପ୍ରକରଣକୁ ଦେଖିଲେ ବୁଝାପଡୁଛି ଯେ, ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ରହିଥିଲା। ଦେଶର ସାମ୍ବିଧାନିକ ସଂସ୍ଥାକୁ ବଦନାମ କରି ନ୍ୟାୟପାଳିକାର ମର୍ଯ୍ୟାଦା ହାନି କରିବା ଭଳି ଅଭିସନ୍ଧି ଏଥିରେ କାର୍ଯ୍ୟ କରିଛି। ତେଣୁ ପ୍ରକାଶିତ ଓ ଡିଜିଟାଲ ଭର୍ସନରେ ଉପଲବ୍ଧ ଥିବା ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀର ସମସ୍ତ ସାମାଜିକ ବିଜ୍ଞାନ ପୁସ୍ତକକୁ ତତ୍କାଳ ଜବତ କରାଯାଉ। ଏହି ବହି ଯେପରି କାହା ହାତକୁ ନ ଯିବ ଅବିଳମ୍ବେ ସେନେଇ ପଦକ୍ଷେପ ନିଆଯାଉ ବୋଲି ସିଜେଆଇ କହିବା ସହ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଓ ଶିକ୍ଷା ବିଭାଗ ସମ୍ପାଦକଙ୍କୁ ନୋଟିସ କରିଛନ୍ତି। ଏଭଳି ବିବାଦୀୟ ଓ ଆପତ୍ତିଜନକ ବିଷୟ ଛାପିଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯିବା ସହ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ବୋଲି ଉଭୟଙ୍କଠାରୁ ଖଣ୍ଡପୀଠ ଉକ୍ତ ନୋଟିସରେ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

୩ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି, ପର୍ଯ୍ୟାପ୍ତ ପ୍ରତିକାରମୂଳକ ପଦକ୍ଷେପ ସ୍ୱରୂପ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ପୁସ୍ତକ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଉଛି। ଆଗକୁ ଏହାର କୌଣସି ମୁଦ୍ରଣ କିମ୍ବା ପ୍ରସାରଣ ହୋଇପାରିବ ନାହିଁ। ସେମାନେ ଏକ ଗୁଳି ଫୁଟାଇଛନ୍ତି, ଯହିଁରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ତେବେ ସାମ୍ବିଧାନିକ ସଂସ୍ଥାର ମୁଖ୍ୟ ଭାବେ ଏହି କାରସାଦି ପଛରେ ଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ଏବଂ ଦଣ୍ଡିତ କରିବା ତାଙ୍କ ଦାୟିତ୍ୱ। ତେଣୁ ଏହାର ଗଭୀର ତଦନ୍ତ କରାଯିବ ବୋଲି ସିଜେଆଇ ସୂର୍ଯ୍ୟ କାନ୍ତ ସ୍ପଷ୍ଟ କରିଛନ୍ତି।

କୁହାଯାଉଛି, ଗଣମାଧ୍ୟମରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍‌ସିଇଆର୍‌ଟି ପକ୍ଷରୁ ବାସ୍ତବରେ ଏପରି ବହି ଛପାଯାଇଛି କି ତାହା ଯାଞ୍ଚ କରିବା ପାଇଁ ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲଙ୍କୁ ପରାମର୍ଶ ଦିଆଯାଇଥିଲା। ସେକ୍ରେଟାରି ଜେନେରାଲଙ୍କ ପ୍ରଶ୍ନର ଉତ୍ତର ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଅତି ଦାୟିତ୍ୱହୀନ ଭାବେ ଦେଇଥିଲେ। ଏଥିରୁ ତାଙ୍କ ମନ୍ଦ ଉଦ୍ଦେଶ୍ୟ ବାରି ହୋଇପଡୁଛି। ପୁସ୍ତକର ବିବାଦୀୟ ଭାଗରେ ଯେଉଁ ଶବ୍ଦ ଓ ଭାଷାର ପ୍ରୟୋଗ କରାଯାଇଛି, ତାକୁ ଦେଖିଲେ ସ୍ପଷ୍ଟ ବୁଝିହେଉଛି ଯେ, ଏହା ଅବହେଳା କିମ୍ବା ମୁଦ୍ରଣଜନିତ ତ୍ରୁଟି ନୁହେଁ। ଏହା ଉଦ୍ଦେଶ୍ୟମୂଳକ ପଦକ୍ଷେପ ବୋଲି ପ୍ରମାଣିତ ହେଲେ ନ୍ୟାୟପାଳିକାର ଭାବମୂର୍ତ୍ତି ମଳିନ କରିବା, ସ୍ୱାଧୀନତା ଓ ସ୍ୱୟଂଶାସିତ କ୍ଷମତାକୁ ଛଡ଼ାଇନେବା ପାଇଁ ଏହା ଏକ ଉଦ୍ୟମ ରୂପେ ଧରାଯିବ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଦାଲତ ଅବମାନନା ଆଇନ, ୧୯୭୧ର ଧାରା ୨(ସି) ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ପୁସ୍ତକ ପ୍ରସ୍ତୁତିରେ ନିୟୋଜିତ ଥିବା ୨ ଜଣ ବ୍ୟକ୍ତିଙ୍କୁ ଭବିଷ୍ୟତରେ ମନ୍ତ୍ରଣାଳୟର କୌଣସି କାର୍ଯ୍ୟକଳାପରେ ସାମିଲ କରାଯିବ ନାହିଁ ବୋଲି ମେହେଟ୍ଟା କହିଛନ୍ତି। ପ୍ରକାଶିତ ବିବାଦୀୟ ପୁସ୍ତକର ୩୨ ଖଣ୍ଡ ବଜାରକୁ ଯାଇଥିଲା, ସେଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି। ଏହା ଶୁଣିବା ପରେ ଖଣ୍ଡପୀଠ ଏହି ପ୍ରସଙ୍ଗରେ ମାର୍ଚ୍ଚ ୧୧ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଯଥାର୍ଥ ଦର୍ଶାଇ କହିଛନ୍ତି, ୧ ଦଶନ୍ଧି ହେଲା ଏନ୍‌ସିଇଆର୍‌ଟି ପୁସ୍ତକଗୁଡ଼ିକର ପୁନଃ ଲିଖନ କରାଯାଉଛି। ଏହି ବିପଜ୍ଜନକ ଧାରା ଆର୍‌ଏସ୍‌ଏସ୍ ବିଚାରଧାରାରୁ ପ୍ରେରିତ। ଖଳ ଓ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରାଯାଉଛି। ଏହି ରାକେଟର ତଦନ୍ତ କରାଯିବା ଜରୁରୀ ହୋଇପଡ଼ିଛି। ସେପଟେ ଇସ୍ରାଏଲ୍‌ରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହ ଏସବୁ କିଏ ବୁଝୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିବାଦୀୟ ବିଷୟକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ନ୍ୟାୟପାଳିକାକୁ ଆମେ ଉଚ୍ଚ ସମ୍ମାନ ଦେଉଛୁ। ଅଦାଲତଙ୍କୁ ଅସମ୍ମାନ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ନ୍ୟାୟପାଳିକା ନିଷ୍ପତ୍ତିର ସମ୍ପୂର୍ଣ୍ଣ ଅନୁପାଳନ କରାଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି।

## ଧାନ ବିକ୍ରି ଯନ୍ତ୍ରଣା...

କରିଥିଲେ। ବୁଧବାର ସନ୍ଧ୍ୟାରେ ତାଙ୍କୁ ଘରକୁ ପଠାଇ ଭାଇ ଦୁର୍ଯ୍ୟୋଧନ ମିଲ୍‌ରେ ଧାନ ଜଗି ରହିଥିଲେ। ତ୍ରିଲୋଚନ ଘରେ ପହଞ୍ଚିବା କ୍ଷଣି ଅସୁସ୍ଥ ଅନୁଭବ କରିଥିଲେ, ପରିବାର ଲୋକେ ତାଙ୍କୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭାଇ ତ୍ରିଲୋଚନଙ୍କ ଅସୁସ୍ଥ ଖବର ପାଇ ସେ ମିଲରଙ୍କୁ ଧାନ ତୁରନ୍ତ ନିଅନ୍ତୁ, ଭାଇ ମେଡିକାଲରେ ପଡ଼ିଛନ୍ତି ବୋଲି ବାରମ୍ବାର ନେହୁରା ହୋଇଥିଲେ। ଏହାପରେ ମିଲ୍ କର୍ମଚାରୀ ତାଙ୍କୁ ଶୋଷଣ କରିଥିଲେ। ଧାନ ଅନ୍‌ଲୋଡ କରିବା ପାଇଁ ୩ ହଜାର ଟଙ୍କା ଓ କୁଇଣ୍ଟାଲ ପିଛା ଆଉ ଅଧିକ ୩ କେଜି ଲେଖାଏ କାଟିବେ ବୋଲି ମୂଲଚାଲ କରିବା ପରେ ଅନ୍‌ଲୋଡ କରିଥିଲେ ବୋଲି ଦୁର୍ଯ୍ୟୋଧନ କହିଛନ୍ତି।

ଦୁର୍ଯ୍ୟୋଧନ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତିର କର୍ମଚାରୀ ଓ ମିଲରଙ୍କୁ ଦାୟୀ କରିଛନ୍ତି। ୪୦ ଦିନ କାଳ ଦୌଡ଼ି ଶେଷରେ ସହ ସମ୍ପାଦକ ୧ ହଜାର ଟଙ୍କା ନେଇ ରାମଚଣ୍ଡୀ ମିଲ୍‌ରେ ଧାନ ଦେବାକୁ ଟୋକନ୍ ଦେଇଥିଲେ। ୨୩ରୁ ୨୫ ତାରିଖ ଯାଏ ଖରା ଓ କାକରରେ ଅଖିଆ ଅପିଆ ପଡ଼ି ରହିଥିଲୁ। କୁଇଣ୍ଟାଲ ପିଛା ୯ କେଜି ଲେଖାଏ ମିଲରେ ଧାନ କାଟି ରଖିଥିଲେ। ଅନ୍‌ଲୋଡ ପାଇଁ ମିଲର ୩ହଜାର ଟଙ୍କା ନେଇଛନ୍ତି ଓ ୨ଟି ଟ୍ରାକ୍ଟର ଭଡ଼ା ବାବଦକୁ ୧୫ ହଜାର ଟଙ୍କା ଆମେ ଦେଇଛୁ। ମିଲରଙ୍କ ନିର୍ଯ୍ୟାତନା ସହି ନ ପାରି ଭାଇଙ୍କ ଜୀବନ ଚାଲିଗଲା ବୋଲି କହିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଘଟଣା ସମ୍ପର୍କରେ ଖବର ପାଇ ରାଜନଗର ତହସିଲଦାର ଯିଶୁକୃଷ୍ଣ ଦାସ ମଣ୍ଡି ଓ ରାମଚଣ୍ଡୀ ମିଲ୍‌ରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର ଆୟାର କହିଛନ୍ତି, ଗତ ଜାନୁଆରୀ ୯ ତାରିଖରୁ ଜିଲାରେ ଧାନ ମଣ୍ଡି ଆରମ୍ଭ ହୋଇଛି। ଏହାର ସୁପରିଚାଳନା ପାଇଁ ସାପ୍ତାହିକ ସମୀକ୍ଷା ବୈଠକ ହେଉଛି। ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଚାଷୀ ତ୍ରିଲୋଚନ ନାୟକ ଗତ ୧୪ ତାରିଖରେ ୩୮.୯୦ କୁଇଣ୍ଟାଲ ଧାନ ଡାଙ୍ଗମାଳ ପାକ୍ସରେ ବିକ୍ରୟ କରିଛନ୍ତି। ୧୮ ତାରିଖରେ ଦେୟ ବାବଦ ଅର୍ଥ ତାଙ୍କୁ ଦେବାକୁ ବ୍ୟାଙ୍କକୁ ସୁପାରିସ କରାଯାଇଥିଲା। ଏହି ଟଙ୍କା ୨୩ ତାରିଖରେ ତାଙ୍କ ଆକାଉଣ୍ଟରେ ଜମା ହୋଇଛି। ଦୁଃଖର ବିଷୟ, ଗୁରୁବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି ବୋଲି ଜିଲାପାଳ ଆୟାର କହିଛନ୍ତି। ରାଜନଗର ଥାନା ଅଧିକାରୀ ନରେଶ କୁମାର ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଅଭିଯୋଗ ସମ୍ପର୍କରେ ରାମଚଣ୍ଡୀ ମିଲ୍ ମାଲିକ ସମୀର କୁମାର ସାହୁଙ୍କ ମୋବାଇଲ ନଂ. ୯୯୩୮୫୪୫୫୪୦କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ନାମାଙ୍କନ ଭରିଲେ...

ନିର୍ବାଚନ ଯଦି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ତେବେ ମାର୍ଚ୍ଚ ୧୬ରେ ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭା ସୌଧର କମିଟି ପ୍ରକୋଷ୍ଠ ନମ୍ବର ୫୪ରେ ଭୋଟ ଗ୍ରହଣ କରାଯିବ। ସେହିଦିନ ଭୋଟ ଗଣତି କରାଯାଇ ସନ୍ଧ୍ୟା ୫ଟାରେ ଫଳାଫଳ ଘୋଷଣା କରାଯିବ। ଏହାପରେ ନିର୍ବାଚିତ ବ୍ୟକ୍ତିଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ମାର୍ଚ୍ଚ ୨୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ।

ରାଜ୍ୟ ସଭା ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ସବୁ ରାଜନୈତିକ ଦଳ ନିଜର ପ୍ରତିକ୍ରିୟା ଦେବା ସାଙ୍ଗକୁ ପ୍ରାର୍ଥୀ ଚୟନ କସରତ ଜୋର୍‌ଦାର କରିଛନ୍ତି। ନାମାଙ୍କନ ଦାଖଲ ଲାଗି ଆଉ ମାତ୍ର ୭ ଦିନ ସମୟ ଥିବାବେଳେ ୨ରୁ ୩ ଦିନ ମଧ୍ୟରେ ସବୁ ଦଳ ନିଜର ପ୍ରାର୍ଥୀ ଦେଇପାରନ୍ତି ବୋଲି ଶୁଣିବାକୁ ମିଳିଛି। ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଆସନ୍ତା ୨ ଦିନ ମଧ୍ୟରେ ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ। କୋର୍ କମିଟି ବୈଠକରେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ହୋଇଛି ତାହା ସଂସଦୀୟ ବୋର୍ଡକୁ ଯାଇଛି। ଶୁକ୍ରବାର ସୁଦ୍ଧା ସଂସଦୀୟ ବୋର୍ଡ ବୈଠକ ବସିବ। ଏଥିରେ ହିଁ ଦଳ କାହାକୁ ରାଜ୍ୟ ସଭା ପଠାଇବ ସେକଥା ଚୂଡ଼ାନ୍ତ ହେବ। ଅବଶ୍ୟ ଏହି ସମୟରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି। ଅନ୍ୟପଟେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଗୁରୁବାର ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେବାକୁ ଯାଇ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ନେଇ ସମସ୍ତ ପିଏସିର ନେତାମାନେ ଏକତ୍ରିତ ହୋଇ କହିଲେ, ନବୀନବାବୁ ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୂଡ଼ାନ୍ତ। ଆଉ କିଛି ଆଲୋଚନା ହୋଇନାହିଁ। ଦଳର ସଭାପତି ଯାହାକୁ ପ୍ରାର୍ଥୀ କରିବେ ତାହା ହିଁ ଚୂଡ଼ାନ୍ତ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଆସନ୍ତା ୨୮ ତାରିଖରେ କଂଗ୍ରେସ ରାଜ୍ୟ ସଭା ବାବଦରେ ନିଷ୍ପତ୍ତି ନେବ। ନବୀନଙ୍କ ସହ ଆଲୋଚନା ପାଇଁ ସମୟ ମାଗିଥିଲେ, ହେଲେ ସେ ଏଯାଏ ଦେଇନାହାନ୍ତି। ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଭକ୍ତ କହିଛନ୍ତି।

## ବିବାହ ବନ୍ଧନରେ...

ସେହି ବ୍ୟକ୍ତି ଯିଏ ମୋତେ ପ୍ରକୃତ ପ୍ରେମ ଓ ଶାନ୍ତିର ଅନୁଭବ କରାଇଛନ୍ତି। ସେ ମୋତେ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ନିଜ ଉପରେ ବିଶ୍ୱାସ କରିବା ଶିଖାଇଛନ୍ତି। ସତ କହିବାକୁ ଗଲେ, ମୁଁ ତାଙ୍କ ଉପରେ ଗୋଟିଏ ପୂରା ବହି ଲେଖିପାରିବି।''

ଅପରପକ୍ଷେ ବିଜୟ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ''ଦିନେ ମୁଁ ତାଙ୍କୁ ଏତେ ମିସ୍ କଲି ଯେ ମୋତେ ଅନୁଭବ ହେଲା ଯଦି ସେ ମୋ ସାଥିରେ ଥାନ୍ତେ, ତେବେ ମୋର ପ୍ରତିଟି କାମ ଆହୁରି ସୁନ୍ଦର ହୋଇଥାନ୍ତା। ମୋତେ ଘର ଭଳି ଶାନ୍ତି ଅନୁଭବ କରିବା ପାଇଁ ତାଙ୍କର ଆବଶ୍ୟକତା ଥିଲା। ତେଣୁ ମୁଁ ମୋର ସବୁଠାରୁ ଭଲ ସାଙ୍ଗକୁ ନିଜର ସ୍ତ୍ରୀ କରିନେଇଛି।''

ଉଭୟଙ୍କ ପୋଷ୍ଟ ପରେ ପ୍ରଶଂସକମାନେ ଏହି ନବଦମ୍ପତିଙ୍କୁ ଶୁଭେଚ୍ଛାରେ ପୋତିପକାଉଛନ୍ତି। ଏହି ଷ୍ଟାର୍ ଯୋଡ଼ିଙ୍କ ଫଟୋ ଏବେ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ମୁହାଁ, ଚୋର ମୁହାଁ,
ମାଇ ମୁହାଁ, ଭାତ ମୁହାଁ,
ଏ ନୁହନ୍ତି କାହାଁ।**

ଘର ପ୍ରତି ଅତ୍ୟଧିକ ମୋହ ବା ଆସକ୍ତି ରଖୁଥିବା ବ୍ୟକ୍ତି, ଚୋର ପ୍ରକୃତିର ବ୍ୟକ୍ତି, ପର ସ୍ତ୍ରୀ ପ୍ରତି ଆସକ୍ତ ଭାବ ରଖୁଥିବା ବ୍ୟକ୍ତି ଏବଂ ଖାଦ୍ୟ ଲୋଭୀ ବ୍ୟକ୍ତି କେବେ ଉନ୍ନତି କରିପାରି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଜୀବନରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି
ପୁଅ ଲିଆଖିଆ ପଣ ଛାଡ଼ିନାହିଁ।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବା ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୧୩ ଘଣ୍ଟା ଜାତୀୟ ରାଜପଥ ଜାମ୍


ଚରମ୍ପାଠାରେ ରାସ୍ତା ଜାମ୍ ଯୋଗୁ ଗାଡ଼ିଗୁଡ଼ିକ ଅଟକି ରହିଛି।

## ରାତି ୧୧ରୁ ଅଟକି ରହିଲା ଶତାଧିକ ଗାଡ଼ି

ଭଦ୍ରକ,୨୬।୨(ସନାତନ ରାଉତ)

୧୬ନଂ. ଜାତୀୟ ରାଜପଥର ଭଦ୍ରକ ଜିଲାର ରାହାଞ୍ଜାଠାରେ ବୁଧବାର ରାତିରେ ଏକ ଟ୍ରକ୍ ବ୍ରେକ୍‌ଡାଉନ ହେବାରୁ ରାସ୍ତା ଜାମ୍ ରହିଥିଲା। ବୁଧବାର ରାତି ୧୧ଟାରୁ ଗୁରୁବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୧୩ ଘଣ୍ଟା ଧରି ଜାତୀୟ ରାଜପଥରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଫଳରେ ଭଦ୍ରକ ବନ୍ତଛକରୁ ଡ୍ରିଶଳପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ସହ ସର୍ଭିସ୍ ରୋଡ୍‌ରେ ଶତାଧିକ ଗାଡ଼ି ଅଟକି ରହିଥିଲା।

ସୂଚନା ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଡ୍ରିଶଳପୁର ଛକରେ ଓଭରବ୍ରିଜ୍ କାମ ଚାଲିଥିବା ବେଳେ ସିଙ୍ଗିଲ ରୋଡ୍‌ରେ ଭୁବନେଶ୍ୱରରୁ ବାଲେଶ୍ୱର ଓ ବାରିପଦା ଅଭିମୁଖେ ଗାଡ଼ି ଯାତାୟାତ କରୁଛି। ଏହି ସିଙ୍ଗିଲ ରୋଡ୍‌ରେ ରାହାଞ୍ଜା ନିକଟରେ ଏକ ଟ୍ରକ୍ ରାତି ୧୧ଟାରେ ବ୍ରେକ୍‌ଡାଉନ ହୋଇ ରାସ୍ତାରେ ରହିଯିବାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ସବୁ ଗାଡ଼ି ଅଟକି ରହିଥିଲା। ରାସ୍ତାର ଡାହାଣ ପଟ ଅର୍ଥାତ୍ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଗାଡ଼ି ଚଳାଚଳ ସ୍ୱାଭାବିକ ଥିବାବେଳେ ବାମପଟେ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଥିଲା। ସକାଳେ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଜାମ୍ ହଟାଇବାକୁ ଉଦ୍ୟମ କରିଥିଲା। ବ୍ରେକ୍‌ଡାଉନ ହୋଇଥିବା ଟ୍ରକ୍‌କୁ ରାସ୍ତାରୁ ହଟାଇବା ପରେ ମଧ୍ୟାହ୍ନ ୧୨ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏପରି ଜାମ୍ ନୂଆ ନୁହେଁ। ସେଠାରେ ଓଭରବ୍ରିଜ ନିର୍ମାଣ ଓ ରାଜପଥ କାମ ମନ୍ଥର ଗତିରେ ଚାଲୁଥିବାରୁ ଅଧିକାଂଶ ସମୟରେ ଏଠାରେ ରାସ୍ତା ଜାମ୍ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।




# ପିଏସି କାହିଁକି


ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ।

ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)

ବିଜେଡିର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସମୟ ଧରି ହୋଇଥିବା ପିଏସି ବୈଠକରେ ବହୁତ ରାଜନୈତିକ ଦିଗ ଉପରେ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ସଭା ନିର୍ବାଚନ ଉପରେ ପିଏସିରେ ହୋଇଥିବା ଆଲୋଚନା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା ଶୁଣି ବିଜେଡି ଭିତରୁ ଧୀରେ ଧୀରେ ଅସନ୍ତୋଷ ବଢୁଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରମିଳା କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ କିଏ ପ୍ରାର୍ଥୀ ହେବେ ସେକଥା ଦଳର ସଭାପତି ନିଷ୍ପତ୍ତି ନେବେ। ସମସ୍ତ ପିଏସି ସଦସ୍ୟ ମିଳିତ ଭାବେ ଏହି ପ୍ରସ୍ତାବ ନବୀନଙ୍କୁ ଦେଇଛନ୍ତି। ସମସ୍ତେ ନବୀନଙ୍କୁ କହିଛନ୍ତି, ଯାହା ସେ ଚୂଡ଼ାନ୍ତ କରିବେ ସମସ୍ତେ ତାକୁ ମାନିନେବେ। ଦଳର କେତେଜଣ ବରିଷ୍ଠ ନେତା ନିଜ ନାମ ଗୋପନ ରଖି ପ୍ରମିଳାଙ୍କ ପ୍ରତିକ୍ରିୟାକୁ ନେଇ କହିଛନ୍ତି, କିଏ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହେବେ ସେହି ନିଷ୍ପତ୍ତି ଯଦି ପିଏସିରେ ଚୂଡ଼ାନ୍ତ ହେଲା ନାହିଁ ତେବେ ବୈଠକ ବସିଲା କାହିଁକି। ରାଜନୈତିକ ବ୍ୟାପାର କମିଟିର ତେବେ କାମ କ'ଣ ରହିଲା। ରାଜନୈତିକ ବ୍ୟାପାର କମିଟି ଥାଇ ନ ଥିଲା ଭଳି ହୋଇଯାଉଛି। ତେବେ ଆଗକୁ ଯିଏ ରାଜ୍ୟ ସଭାକୁ ବିଜେଡିରୁ ଯିବେ ତା'ର ନିଷ୍ପତ୍ତି ନବୀନ କାହା ସହ ଆଲୋଚନାକରି ନେବେ, ସେକଥା ଦଳର ସଭାପତି ସ୍ପଷ୍ଟ କରନ୍ତୁ। ପିଏସି କ'ଣ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ହୋଇଛି।

ଅନ୍ୟପଟେ ଗୁରୁବାରଠାରୁ ରାଜ୍ୟ ସଭା ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ ଆସନ୍ତା ୫ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ। ତେଣୁ ଏହା ଭିତରେ ୪ର୍ଥ ଆସନକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଛି ସେ ବିଷୟରେ ବିଜେଡି କିଛି ନିଷ୍ପତ୍ତି ନେବ ବୋଲି ରାଜନୈତିକ ମହଲରେ ଅନେକଙ୍କ ଅପେକ୍ଷା ରହିଥିଲା। ପ୍ରତ୍ୟକ୍ଷ ବା ପରୋକ୍ଷରେ ଯେପରି ୪ର୍ଥ ଆସନ ଭାଜପାକୁ ଯିବା ଭଳି ବାଟ ତିଆରି କରା ନ ଯିବ ସେଥିପାଇଁ କିଛି ପ୍ରତିକ୍ରିୟା ବିଜେଡି ପକ୍ଷରୁ ଆସିବ ବୋଲି ଅନୁମାନ ମଧ୍ୟ କରାଯାଉଥିଲା। କାରଣ ନିକଟରେ ଦଳର ବରିଷ୍ଠ ନେତା ଅରୁଣ କୁମାର ସାହୁ ମଧ୍ୟ ଏହି କଥା ଦୋହରାଇଥିଲେ। ୪ର୍ଥ ଆସନ ଭାଜପାକୁ ନ ଯିବା ଦରକାର ବୋଲି ସେ ତାଙ୍କ ବ୍ୟକ୍ତିଗତ ମତ ଜଣାଇଥିଲେ। ଅରୁଣ ପିଏସିରେ ନାହାନ୍ତି। ଯେଉଁମାନେ ପିଏସିରେ ଅଛନ୍ତି, ସେମାନେ ଏ ବିଷୟରେ ଯଦି ନବୀନଙ୍କ ସାଙ୍ଗରେ ଆଲୋଚନା କରିଥିବେ, ତେବେ ଏହା ନିର୍ବାଚନ ଭିତରେ ନିଶ୍ଚିତ ପ୍ରତିଫଳିତ ହେବ। ଭାଜପା ପକ୍ଷରୁ ମଧ୍ୟ ୨ ଦିନ ମଧ୍ୟରେ ପ୍ରାର୍ଥୀ ଘୋଷଣା ହୋଇଯିବ ବୋଲି କୁହାଯାଇଛି। ତେଣୁ ଭାଜପା ଯଦି ୩ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରେ ତେବେ ଗୋଟିଏ କଥା ବୁଝିନେବାକୁ ହେବ, ଶାସକ ଦଳ ହାରିବା ଭଳି କିଛି ବାଟ ରଖି କାମ କରି ନ ଥିବ।

ଅନ୍ୟପକ୍ଷରେ ରାଜ୍ୟରେ ଯେହେତୁ ବିଜେଡି ମୁଖ୍ୟ ବିରୋଧୀ ଦଳ ଆସନରେ ରହିଛି ଶାସକ ଦଳକୁ ସବୁ କ୍ଷେତ୍ରରେ ଅଟକାଇବା ପାଇଁ ସେମାନେ ପ୍ରଥମ ଉଦ୍ୟମ କରିବା କଥା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ମଧ୍ୟ ରାଜ୍ୟ ସଭା ନିର୍ବାଚନ ନେଇ ନବୀନଙ୍କୁ ଭେଟିବାକୁ ସମୟ ଲୋଡ଼ିଛନ୍ତି, ହେଲେ ତାଙ୍କୁ ଏଯାଏଁ କିଛି ପ୍ରତ୍ୟୁତ୍ତର ମିଳି ନ ଥିବା ଜଣାପଡ଼ିଛି। ପୂର୍ବରୁ ଅନେକ ସମୟରେ ସମଦୂରତା କଥା କହି ବିଜେଡି ନିଜକୁ ସୁରକ୍ଷିତ ରଖିବା ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରିଛି। ମାତ୍ର ସେଭଳି ସବୁ ନିଷ୍ପତ୍ତିରେ ଭାଜପାକୁ ପରୋକ୍ଷରେ ସୁହାଇବା ଭଳି ହୋଇଛି। ଏଥର ନବୀନଙ୍କ ଆଭିମୁଖ୍ୟ ରାଜ୍ୟ ସଭାରେ ଭାଜପାକୁ ସୁହାଇବା ଭଳି ହେବ ନା ନାହିଁ, ସେହି କଥା ଉପରେ ହିଁ ରାଜ୍ୟର ବହୁ ବିଜେଡି ନେତା ଅପେକ୍ଷା କରି ରହିଛନ୍ତି। ଆଗକୁ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି କୌଣସି ଦଳ ପାଖରେ ଯଥେଷ୍ଟ ସଂଖ୍ୟା ନାହିଁ। ଯଦି ବିଜେଡି ସମଦୂରତା କଥା କହିଦିଏ, ତେବେ ଭାଜପା ସହଜରେ ୩ଟି ଆସନରେ ବିଜୟୀ ହେଇଯିବ। ନଚେତ୍ ନବୀନଙ୍କ ସମର୍ଥନରେ ୪ର୍ଥ ଆସନ ଭାଜପା ଜିତିଯାଇପାରିବ। ଏପରି ନ ହୋଇ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ମିଳିତ ପ୍ରାର୍ଥୀ ଦେଇ ଶାସକ ଦଳକୁ ରୋକିବାର ଆଉ ଏକ ରାସ୍ତା ରହିଛି। ରାଜ୍ୟର କୋଣ ଅନୁକୋଣରେ ବିଜେଡି କର୍ମୀମାନେ ଭାଜପା ସହ ତାଙ୍କ ଦଳର ସମ୍ପର୍କ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ଅନେକଙ୍କ ଆଶା ଥିଲା, ପିଏସି ବୈଠକରେ ଏଭଳି ଏକ ବିଷୟ ଉପରେ ନିଶ୍ଚିତ ଚର୍ଚ୍ଚା ହୋଇପାରେ, ମାତ୍ର ଏମିତି କିଛି ହୋଇ ନ ଥିବା ଜଣାପଡ଼ିଛି।

# ୩୯,୫୦୫ ନିଯୁକ୍ତିକୁ ୪୯,୬୩୨ ଅବସର

### ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ

ଭୁବନେଶ୍ୱର,୨୬।୨(ରବିନାରାୟଣ ଜେନା)

ରାଜ୍ୟରେ ସରକାରଙ୍କ ବିଭିନ୍ନ ବିଭାଗରେ ଯେତିକି ସଂଖ୍ୟକ ନିଯୁକ୍ତି ହେଉଛନ୍ତି, ତା'ଠାରୁ ଅଧିକ ସଂଖ୍ୟକ ଅବସର ଗ୍ରହଣ କରୁଛନ୍ତି। ତେବେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଗତ ୩ବର୍ଷରେ ନିଯୁକ୍ତି ହାରଠାରୁ ଅଧିକ ପ୍ରାୟ ୧୦ହଜାର ସରକାରୀ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଫେବୃଆରୀ ୨୩ରେ ପ୍ରଦାନ କରିଛନ୍ତି। ବିଜେଡି ସଦସ୍ୟା ସୁବାସିନୀ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ଗତ ତିନି ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୪୯,୬୩୨ ସଂଖ୍ୟକ ସରକାରୀ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୦,୪୭୪ ଜଣଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇସାରିଥିବା ବେଳେ ୯୧୫୮ଜଣଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇପାରିନାହିଁ। ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇ ନ ଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପ୍ରୋଭିଜନାଲ ପେନ୍‌ସନ ମଞ୍ଜୁର କରାଯିବାର ପ୍ରାବଧାନ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ବିଜେଡି ସଦସ୍ୟ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ୨୦୨୪ ଜୁନ୍ ୧୨ ପରେ ୩୯ହଜାର ୫୦୫ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ତେବେ ବିଭାଗୱାରି ଉତ୍ତରରେ ମୁଖ୍ୟମନ୍ତ୍ରୀ ୨୦୨୧ ଅକ୍ଟୋବର ୮ତାରିଖରୁ ୨୭ଟି ବିଭାଗର ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ଗୃହକୁ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ଯେଉଁ ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଭିଜିଲାନ୍ସ ମାମଲା, ଆପରାଧିକ ମାମଲା, ବିଭାଗୀୟ ଶୃଙ୍ଖଳାଗତ ଓ ଅନ୍ୟାନ୍ୟ ମାମଲା ବିଚାରାଧୀନ ରହିଛି ସେହି ସରକାରୀ କର୍ମଚାରୀମାନଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନରେ ବିଳମ୍ବ ହେଉଛି। ଏହି ନିଷ୍ପତ୍ତିକୁ ସୁଗମ କରିବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପତ୍ର ୨୦୨୪ ଡିସେମ୍ବର ୨୭ରେ ସମସ୍ତ ପେନ୍‌ସନ ମଞ୍ଜୁରକର୍ତ୍ତା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଅତିକମ୍‌ରେ ଅନୁଶାସନ ସଚିବ ପାହ୍ୟାର ଜଣେ ଅଧିକାରୀ/ ବରିଷ୍ଠ ଅଧିକାରୀଙ୍କ ଅଧୀନରେ ସ୍ଥାୟୀ ସହାୟତା କେନ୍ଦ୍ର ଖୋଲିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଉକ୍ତ ସହାୟତା କେନ୍ଦ୍ର ମାଧ୍ୟମରେ ଆବେଦନକାରୀମାନେ ପେନ୍‌ସନ ପାଇଁ ଉପଯୁକ୍ତ ସମୟରେ ଆବେଦନ କରିପାରିବା ସହ ସେ ସମ୍ବନ୍ଧୀୟ ଜିଜ୍ଞାସା, ସଂଶୟ ଦୂର ପାଇଁ ସହାୟତା ନେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ତଥ୍ୟରେ ଗୃହକୁ ଦର୍ଶାଇଛନ୍ତି।

# ସୀମାନ୍ତରେ ୨ ମାଓବାଦୀ ନିହତ

ମାଲକାନଗିରି,୨୬।୨(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୨ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ବନ୍ଧୁକ ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡ ବିଜାପୁର ଜିଲା ଗଙ୍ଗଲା ଥାନା ଅଧୀନ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଖବର ପାଇ ପୋଲିସ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଥିଲା। ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲୁଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପୋଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ମାଓବାଦୀ ପୋଲିସ ଗୁଳିର ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ ଅଞ୍ଚଳରେ ଯାଞ୍ଚ କରିବାରୁ ୨ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଜବତ ହୋଇଥିବା ବିଜାପୁର ଏସ୍‌ପି ଡ. ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। ଏଥିସହ ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ, ଏକ ଇନ୍ସାସ ରାଇଫଲ ଏବଂ ଏକ ୧୨ ବୋର ରାଇଫଲ, ବିସ୍ଫୋରକ ଓ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ପୋଲିସ ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସି ଜାରି ରଖିଛି। ୨ ମାଓବାଦୀଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଟିମ୍ ଫେରିବା ପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

# ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ


ମଲ୍ଲିକା ହରିପାଲ

ସମ୍ବଲପୁର,୨୬।୨
(ଭବାନୀ ଶଙ୍କର ଭୋଇ)

ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କ ସ୍ତ୍ରୀ ମଲ୍ଲିକା ହରିପାଲଙ୍କ ଗୁରୁବାର ଅପରାହ୍ନ ୪ଟା୩୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। କିଛିଦିନ ହେବ ଖାଦ୍ୟପେୟ ବନ୍ଦ ହୋଇଯିବାରୁ ସେ ଦୁର୍ବଳ ହୋଇଯାଇଥିଲେ। ବୁଧବାର ତାଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ହେଲେ ଶେଷରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ଧ୍ୟାରେ ତାଙ୍କ ମରଶରୀର କ୍ଷେତ୍ରନପଡ଼ାସ୍ଥିତ ବାସଭବନ ଅଣାଯାଇଛି। ଶୁକ୍ରବାର ସକାଳେ ମନ୍ଦଲିଆସ୍ଥିତ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ହରିପାଲଙ୍କ ଜୀବନ ସଂଘର୍ଷରେ ମଲ୍ଲିକା ସବୁବେଳେ ସାଥିରେ ଛିଡ଼ା ହୋଇଥିଲେ। ଡ. ଜିତେନ୍ଦ୍ର ହରିପାଲଙ୍କ ୨ ପୁଅ ଏବଂ ୩ ଝିଅ ଅଛନ୍ତି। ମଲ୍ଲିକାଙ୍କ ପରଲୋକରେ କଳାପ୍ରେମୀ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

## ଅବଶିଷ୍ଟାଂଶ

### ୨୦୦ କୋଟିର ...

ଚାଲୁଥିବା ନେଇ ଜିଲା ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ, ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ ଗୁରୁବାର ରାସ୍ତା ମାର୍ଗ ପ୍ରୟୋଗ ନ କରି ନୌକା ଓ ପଦଯାତ୍ରା ମାଧ୍ୟମରେ ଗୁପ୍ତ ଭାବେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ସେଠାରେ ଚାଲୁଥିବା ଆନ୍ତଃରାଜ୍ୟ ଗଞ୍ଜେଇ ତେଲ ତିଆରି କାରଖାନାକୁ ଧ୍ୱଂସକରି ୧୮୦୦ ଲିଟରରୁ ଊର୍ଦ୍ଧ୍ୱ ଗଞ୍ଜେଇ ତେଲ ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏହି ଘଟଣାରେ ୫ଜଣଙ୍କୁ ଅଟକ ରଖାଯାଇଥିବାବେଳେ ସେମାନଙ୍କଠାରୁ ୩୦ରୁ ଊର୍ଦ୍ଧ୍ୱ ପ୍ରେସର କୁକର ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରାଯାଇଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ ସୂଚନା ଦେଇଛନ୍ତି। ଏହି ତେଲ ତିଆରିରେ ଆନ୍ତଃରାଜ୍ୟ ମାଫିଆଙ୍କ ସମ୍ପୃକ୍ତି ଥିବା ପ୍ରାରମ୍ଭିକ ପ୍ରମାଣ ମିଳିଛି। ପାଡୁଆ ପୋଲିସ ଘଟଣାର ତଦନ୍ତ କରୁଛି। ଚଢ଼ାଉ ଜାରି ରହିଥିବାରୁ ଅଧିକ ସୂଚନା ପରବର୍ତ୍ତୀ ସମୟରେ ଦିଆଯିବ ବୋଲି ଏସ୍‌ପି ବର୍ମା କହିଛନ୍ତି।

ସେହିପରି ଅନ୍ୟଏକ ଘଟଣାରେ ନନ୍ଦପୁର ପୋଲିସ ୧୧୪୪ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତକରିବା ସହ ୪ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହରିୟାଣାର ୨ ଖେଳନା ବ୍ୟବସାୟୀ ବାବା ଓ ସୁନ୍ଦର, ସେମିଳିଗୁଡ଼ାର ୨ ଗାଡ଼ି ମାଲିକ ଲୋକନାଥ ବେହେରା(୫୨) ଏବଂ କୁମାରସ୍ୱାମୀ ବେହେରା(୪୨)। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୫ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ନନ୍ଦପୁର ଭାରପ୍ରାପ୍ତ ଏସ୍‌ଡିପିଓ ସୁମିତ୍ରା ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଗ୍ରାମାଞ୍ଚଳରେ ବୁଲି ଖେଳନା ବ୍ୟବସାୟ କରୁଥିବା ୨ ବ୍ୟବସାୟୀ ୨ ପିକ୍‌ଅପ୍‌ରେ ଆନ୍ଧ୍ର ମୁଚିମପୁଟ ଅଞ୍ଚଳରୁ ୪୬ ଜରି ବସ୍ତାରେ ଗଞ୍ଜେଇ ନେଇ ହରିୟାଣା ଚାଲାଣ କରିବା ପାଇଁ ନନ୍ଦପୁର ଦେଇ ଯାଉଥିବା ବେଳେ ପୋଲିସ ମାଡ଼ି ବସିଥିଲା। ୨ ଖେଳନା ବୋଝେଇ ପିକ୍‌ଅପ୍ ଓ ଚାଳକ(ମାଲିକ)ଙ୍କ ସମେତ ୨ ଖେଳନା ବ୍ୟବସାୟୀଙ୍କୁ କାବୁ କରିଥିଲା। ଏ ନେଇ ନନ୍ଦପୁର ଥାନାରେ ଏକ ମାମଲା(ନଂ. ୨୮/୨୦୨୬) ମାମଲା ରୁଜୁ କରାଯାଇଛି। ୨ ପିକ୍‌ଅପ୍‌କୁ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟା ପାଡ଼ିଆ ସୂଚନା ଦେଇଛନ୍ତି। କୋରାପୁଟ ଅଞ୍ଚଳରେ ସମସ୍ତ ବୁଲା ବ୍ୟବସାୟୀ ଓ ପର୍ଯ୍ୟଟକ ସାଜି ଗଞ୍ଜେଇ ଚାଲାଣ କରିବାକୁ ଆସୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଥିବା କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟା ପାଡିଆ, ଏସ୍‌ଆଇ ଜ୍ୟୋତିର୍ମୟୀ ସାମଲ ଓ ଏସ୍‌ଆଇ ଗୁପ୍ତେଶ୍ୱର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।


ଜବତ ହୋଇଥିବା ଗଞ୍ଜେଇ ତେଲ ଓ ପ୍ରେସର କୁକର।

### ଦିଲ୍ଲୀରେ ନୂତନ ଓଡ଼ିଶା...

ରାଜ୍ୟଗୁଡ଼ିକୁ ଜମି ମଗାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇଠାରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି। ଏହିସବୁ ଭବନ ଓ ସଦନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ପାଖରେ ଏକ ଜନ ଆଶ୍ରୟ ଭବନ ନିର୍ମାଣ ହେବ। ଏଥିରେ ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ୩ ଦିନର ରହଣି ବ୍ୟବସ୍ଥା କରାଯିବ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପୂର୍ବମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ମୋଦିଙ୍କ ଇନ୍‌ଷ୍ଟାଗ୍ରାମ୍ ...

ଏର୍ଦୋଗାନ୍‌ଙ୍କ ୧୧.୬ ନିୟୁତ ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇଙ୍କ ଫଲୋଅର୍ସ ସଂଖ୍ୟା ୬.୪ ନିୟୁତ ରହିଛି। ମୋଦି ୨୦୧୪ରେ ଇନ୍‌ଷ୍ଟାଗ୍ରାମ୍‌ରେ ଯୋଡ଼ି ହୋଇଥିବାବେଳେ ସମୟାନୁସାରେ ତାଙ୍କ ଫଲୋଅର୍ସ ସଂଖ୍ୟା ବଢ଼ି ଚାଲିଛି। ଅନ୍ୟ ଯେକୌଣସି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ତୁଳନାରେ ଇନ୍‌ଷ୍ଟାଗ୍ରାମରେ ମୋଦିଙ୍କୁ ସର୍ବାଧିକ ଲୋକ ଫଲୋ କରୁଥିବା ଦେଖାଯାଇଛି।

15001/3/2526



ଓଡ଼ିଶା ସରକାର

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୭ ଫେବୃଆରୀ, ୨୦୨୬

ସକାଳ ଘ. ୮. ୩୦ ମିନିଟ୍ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ର, ବିଧାୟକ, ସତ୍ୟବାଦୀ
ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ, ବିଧାୟକ, ପିପିଲି

ମୁଖ୍ୟବକ୍ତା
ଡ. ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଆଚାର୍ଯ୍ୟ ବିହାର ପରିଷଦ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/15001/2/25-26/0003

“ ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା’ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି– ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ–ସିଦ୍ଧ ସମାଜ ହୋଇପାରିବନି।–ଶ୍ରୀଅରବିନ୍ଦ

-ପାପ ନାଶିନୀ ଏକାଦଶୀ
ଉପବାସ ଓ ହଳ ନିଷେଧ



# ସୁରକ୍ଷାର କବଚ ବିକାଶ



ଆଲେକ୍‌ଜାଣ୍ଡର ଡି କ୍ରୁ

ଚଳିତବର୍ଷ ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଭୂରାଜନୈତିକ ସ୍ଥିତି, ପ୍ରଭାବର କ୍ଷେତ୍ର, ନାଟୋର ଭବିଷ୍ୟତ ତଥା ପ୍ରତିରକ୍ଷା ବଜେଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କିନ୍ତୁ ଏହି ଆଲୋଚନା ଯେତିକି ମହତ୍ତ୍ୱପୂର୍ଣ୍ଣ ଥିଲା, ତାହା ସେଭଳି କାର୍ଯ୍ୟକାରୀ ହୋଇନାହିଁ। ବିଶ୍ୱ ଏବେ ସମ୍ପୂର୍ଣ୍ଣ ଭାବେ ବିଭାଜିତ ଏବଂ ଏଭଳି ସ୍ଥିତିରେ ସୁରକ୍ଷା କହିଲେ କେବଳ ଟ୍ୟାଙ୍କ ଓ ଚୁକ୍ତିକୁ ବୁଝାଏ ନାହିଁ। ଦୃଢ଼ ଓ ବିଶ୍ୱସନୀୟ ଭାଗୀଦାରି, ସହନୀୟ ବ୍ୟବସ୍ଥା ତଥା କାର୍ଯ୍ୟରତ ସଂସ୍ଥାଗୁଡ଼ିକ ଉପରେ ସୁରକ୍ଷା ନିର୍ଭର କରେ। ସମାଜକୁ ଆହ୍ୱାନ ସାମ୍ନା କରିବା ପାଇଁ ଏସବୁ ଶକ୍ତି ଯୋଗାଇଦିଏ। ଏ ଦୃଷ୍ଟିରୁ ବୁଝିବାକୁ ଗଲେ, ଅନ୍ତର୍ଜାତୀୟ ବିକାଶ କେବଳ ସଫ୍ଟ ପାୱାର (ବୁଝାଶୁଝା ଓ ଆକର୍ଷଣ ମାଧ୍ୟମରେ ପ୍ରଭାବ ପକାଇବା)ର ଫର୍ମୁଲା ନୁହେଁ, ବରଂ ହାର୍ଡ ପାୱାର (ସେନା ଓ ଅର୍ଥନୀତି ଭୟ ଦେଖାଇ ପ୍ରଭାବ ବିସ୍ତାର କରିବା) ଏବଂ ଭବିଷ୍ୟତରେ ଧମକକୁ ଦୁର୍ବଳ କରିବାରେ ଏହା ହେଉଛି ସବୁଠୁ ପ୍ରଭାବୀ ପଦକ୍ଷେପ।

ବିକାଶ ହେଉଛି ସୁରକ୍ଷାର ଆଧାର ବୋଲି ଏଯାବତ୍ ସଂଖ୍ୟାଧିକ ନେତା ସ୍ୱୀକାର କରିପାରିନାହାନ୍ତି। ସେମାନେ ବିକାଶ ସହାୟତାକୁ ଦାନ ଭାବେ ଦେଖୁଛନ୍ତି। ସେମାନେ ଏହାକୁ ପ୍ରକୃତ ପ୍ରତିରକ୍ଷାର କାର୍ଯ୍ୟ ବଦଳରେ ଏକ ଲକ୍‌ଜୁରୀ ବିଷୟ ବୋଲି ଭାବନ୍ତି। ଏ ପ୍ରକାର ମାନସିକତା ସଂଘର୍ଷର ଅନେକ କାରଣ ସମ୍ପର୍କରେ ନୀତି ନିର୍ଦ୍ଧାରକଙ୍କୁ ଅଜଣା ରଖି ସ୍ଥିରତାକୁ ଦୁର୍ବଳ କରିଦିଏ। ଯେ ପର୍ଯ୍ୟନ୍ତ ଆମେ ହିଂସାର ମୂଳ କାରଣକୁ ଅଣଦେଖା କରୁଥିବା, ସେ ପର୍ଯ୍ୟନ୍ତ ଜୀବନରେ ଅଧିକ କ୍ଷତି ସହିବା ସହ ଟିକସ ଦେଉଥିବା ଏବଂ ସମୃଦ୍ଧି ହାସଲ କରିପାରିବା ନାହିଁ। ଏକ ରଣନୀତିକ ସାଧନ ଭାବେ ଆମେ ଯଦି ଫାଇଟର ଜେଟ୍ ସଂଖ୍ୟା ବୃଦ୍ଧି କରିବା ଏବଂ ଶିକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ରଦ୍ଦ କରିବା ; ଯଦି କେବଳ ମିଶାଇଲ ପାଇଁ ଅର୍ଥ ସଂଗ୍ରହ କରି ଜଳ ଓ ବିଦ୍ୟୁତ୍ ପାଇଁ ତାହା ନ କରିବା, ତେବେ ଆମେ ସମାଜକୁ ରକ୍ଷା କରିପାରିବା ନାହିଁ। ଆମେ ଏବେ ସେଗୁଡ଼ିକୁ ଦୁର୍ବଳ କରୁଛୁ।

ପ୍ରତିରକ୍ଷା ବ୍ୟୟର ଗୁରୁତ୍ୱ ରହିଛି ଏବଂ ଏବକାର ପୃଥିବୀରେ ମିଲିଟାରି କ୍ଷେତ୍ରରେ ନିବେଶ ବୃଦ୍ଧି କରିବା ଏକ ବୈଧ ନୀତି ହୋଇଯାଇଛି। କିନ୍ତୁ ବିକାଶ କ୍ଷେତ୍ରରେ ସମାନ୍ତରାଳ ଭାବେ ନିବେଶ ନ କଲେ, ଏହା ଏକ ଅଧୁରା ସୁରକ୍ଷା ରଣନୀତି ହେବ। ତେବେ ମାନବ କଲ୍ୟାଣ ବଦଳରେ ତୁମେ ବ୍ୟାବହାରିକ ରାଜନୀତି କିମ୍ବା ନୀତି ଉପରେ କେତେ ସଚେତନ ତାହା ତଥ୍ୟରୁ ସ୍ପଷ୍ଟ ହୁଏ। ନିକଟରେ ୱାନ୍ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି, ବିକାଶ ଏବଂ ଯୁଦ୍ଧ ଦୂର କରିବା ପାଇଁ ନିବେଶ କରାଯାଉଥିବା ପ୍ରତିଟି ଡଲାର ଭବିଷ୍ୟତରେ ସେନା ଆକ୍ରମଣଠାରୁ ଆରମ୍ଭ କରି ମାନବୀୟ ପଦକ୍ଷେପ ଓ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବଯାଏ, ସବୁଥିରେ



ହେବାକୁ ଥିବା କ୍ଷତିରେ ୧୦୩ ଡଲାର ବଞ୍ଚାଇପାରିବ। ଯେ କୌଣସି ବୈଶ୍ୱିକ ସୁରକ୍ଷା କ୍ଷେତ୍ରରେ ତୁମେ ବେଶି ଲାଭ ପାଇବ ଏବଂ ଏହିପରି ଭାବେ ସରକାର ଏହାକୁ ସବୁଠୁ ଯୁକ୍ତିଯୁକ୍ତ ନିବେଶ ଭାବେ ପସନ୍ଦ କରିପାରିବେ।

ମିଲିଟାରି ହସ୍ତକ୍ଷେପ ହେଉ ବା ନକାରାତ୍ମକ ଆର୍ଥିକ ପ୍ରଭାବ କିମ୍ବା ଜରୁରିକାଳୀନ ସହାୟତା, ଏସବୁକୁ ରୋକିବାରେ ବିଫଳତା ଯୋଗୁ ସବୁବେଳେ କ୍ଷତି ସହୁଛେ। ଧର୍ମୀୟ, ବିଚାରଗତ ତଥା ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ କରାଯାଉଥିବା ହିଂସା, ଅନିୟମିତ ପ୍ରବାସନ କିମ୍ବା ବ୍ୟବସ୍ଥା ଭୁଶୁଡ଼ିପଡ଼ିବା ସ୍ଥିତିକୁ ରୋକିବାରେ ଆକାଶମାର୍ଗରୁ ଆକ୍ରମଣ ଓ କଟକଣା ଏକମାତ୍ର ସମାଧାନର ବାଟ ନୁହେଁ। ଏହିସବୁ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିମାନେ ଯେତେବେଳେ ସେମାନଙ୍କ ପିଲାଙ୍କ ପାଇଁ ଶିକ୍ଷା, ବିଦ୍ୟୁତ୍, ମୌଳିକ ସେବା ଏବଂ ଚାକିରି ଭବିଷ୍ୟତକୁ ଦେଖିପାରିଛନ୍ତି, ସେତେବେଳେ ଏହିସବୁ ସମସ୍ୟା ପୂରା ନିୟନ୍ତ୍ରିତ ହୋଇଛି ଏବଂ ଶେଷରେ ଦୂର ହୋଇଛି। ଯଦି ଆମ ସୁରକ୍ଷା ସିଦ୍ଧାନ୍ତରେ ବିକାଶକୁ ଗୁରୁତ୍ୱ ଦେବା ନାହିଁ, ତେବେ ଆମେ କ୍ଷତି ସହିଚାଲିବା। ଡ୍ରୋନ୍ ସବୁ ସମସ୍ୟାର ସମାଧାନ କରିପାରିବ ବୋଲି ଯେଉଁ ବାହାନା କରୁଛେ, ତାହାକୁ ବନ୍ଦ କରିବାକୁ ପଡ଼ିବ ଏବଂ ପାରମ୍ପରିକ ମିଲିଟାରି ଶକ୍ତିର କଟକଣାକୁ ବି ସ୍ୱୀକାର କରିବାକୁ ହେବ। ଲେକ୍ ଚାଦ ବେସିନ (ଏକ ମଧୁରଜଳ ହ୍ରଦର ଅବବାହିକା)ରେ ଅନେକ ବର୍ଷ ଧରି ଲାଗି ରହିଥିବା ସେନା ହସ୍ତକ୍ଷେପ ଚରମପନ୍ଥୀଙ୍କ ହିଂସା ରୋକିବାରେ ବିଫଳ ହେଲା। ସେନା ମାଧ୍ୟମରେ ଅଳ୍ପ କିଛି ହାସଲ ହେଲା, କାରଣ ବେରୋଜଗାର ଯେଭଳି ଥିଲା ସେମିତି ରହିଲା, ସେବା ବିପର୍ଯ୍ୟସ୍ତ ରହିଲା ଏବଂ ବ୍ୟବସ୍ଥା ଠିକ୍ ଭାବେ କାମ କଲା ନାହିଁ। ଝଗଡ଼ା ଥମିଗଲେ ମଧ୍ୟ ଜମି ଚାଷ ହୋଇପାରିଲା ନାହିଁ। ଯେ ପର୍ଯ୍ୟନ୍ତ ବିକାଶ ତ୍ୱରାନ୍ୱିତ ନ ହୋଇଛି, ସେ ପର୍ଯ୍ୟନ୍ତ ସେହି ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ଅନେକ ହଜାର ଲୋକ ଘରକୁ ଫେରି ସେମାନଙ୍କ ଜୀବିକା ପୁନଃ ନିର୍ବାହ କରିପାରିବେ ନାହିଁ।

ସେହିଭଳି ଇରାକର ଅନେକ ଭାଗ ଯୁଦ୍ଧରେ ବିଧ୍ୱସ୍ତ ହୋଇଯାଇଥିଲା। ଅନେକ ଲକ୍ଷ ଲୋକ ସେମାନଙ୍କ ଅଞ୍ଚଳକୁ କେବଳ ଗୁଳିଗୋଳା ଥମିଯିବା ଯୋଗୁ ଫେରିନାହାନ୍ତି, ବରଂ ବିଦ୍ୟୁତ୍ ଆସିବା ସହ ସ୍କୁଲ ଓ କଲେଜ ଖୋଲିବାରୁ ଫେରିଛନ୍ତି। ବିକାଶ ପଦକ୍ଷେପ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବା ସହ ଜୀବିକା ସମ୍ଭାବନା ସୃଷ୍ଟି ଯୋଗୁ ସମାଜଗୁଡ଼ିକର ଉନ୍ନତି ଆରମ୍ଭ ହୋଇଛି। ସେହିଭଳି ବର୍ଲିନ ୱାଲ୍ ପତନ ପରେ ଗଣତାନ୍ତ୍ରିକ ସଂସ୍ଥା ଓ ଭିତ୍ତିଭୂମି କ୍ଷେତ୍ରରେ ପାଶ୍ଚାତ୍ୟର ନିବେଶ ଏବଂ ଆର୍ଥିକ ଭରସା କମ୍ୟୁନିଷ୍ଟ ପରବର୍ତ୍ତୀ ସମାଜଗୁଡ଼ିକର ପୁନର୍ଗଠନରେ ସାହାଯ୍ୟ କରି ସମୃଦ୍ଧିର ଏକ ନୂଆଯୁଗର ମୂଳଦୁଆ ପକାଇଥିଲା। ଏହା କେତେଶୀଘ୍ର ହେବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ପର୍ଯ୍ୟାୟକ୍ରମେ ବ୍ୟବସ୍ଥିତ ଭାବେ କରାଯିବା ଦରକାର। ସଂସ୍ଥାଗୁଡ଼ିକ ଉଦାରୀକରଣକୁ ଗ୍ରହଣ କରିବା ଦରକାର, ସାମାଜିକ ସୁରକ୍ଷା ନେଟ୍‌ୱର୍କ ମାର୍କେଟକୁ ସହଯୋଗ କରିବା ଆବଶ୍ୟକ। ଏହାବ୍ୟତୀତ ଆର୍ଥିକ ସୁଧାର ଏବଂ ରାଜନୈତିକ ଏକୀକରଣକୁ ଗୁରୁତ୍ୱ ଦେବା ଉଚିତ। ଯେଉଁଠି ଏଭଳି ସମନ୍ୱୟକୁ ଗ୍ରହଣ କରାଗଲା, ସେଠାରେ ସ୍ଥିରତା ଆସିଲା। ଯେଉଁଠି ଏଗୁଡ଼ିକୁ ଅଣଦେଖା କରାଗଲା, ସେଠାରେ ସାମାଜିକ ଦୁର୍ବଳତା ପ୍ରକାଶ ପାଇଲା। ଏହିସବୁ ଶିକ୍ଷା ସବୁ ସମୟ ପାଇଁ ଉପଯୋଗୀ। ବିକାଶ ତୁଳନାରେ ମିଲିଟାରି ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଥିବା ନୀତିଗୁଡ଼ିକ ସଂଘର୍ଷକୁ ହ୍ରାସ କିମ୍ବା ଦୂର କରିପାରିବ ନାହିଁ। ବରଂ ସେସବୁ ନୀତି ସଂଘର୍ଷକୁ ପ୍ରୋତ୍ସାହିତ କରିବା ସହ ଜାରି ରଖିବ। ହାର୍ଡ ପାୱାରର ଶେଷ ଅଭିବ୍ୟକ୍ତି ହେଉଛି ବିକାଶ, ଯାହା ସଙ୍କଟ ଦୂର କରିବା ପାଇଁ ଆମକୁ ବାଟଦେଖାଏ। ଆମେ ତାହାକୁ ଗ୍ରହଣ କରିବା ଦରକାର। ବିକାଶ ହେଉଛି ବୈଶ୍ୱିକ ସମୁଦାୟ ପାଇଁ ପ୍ରମୁଖ ପ୍ରତିରକ୍ଷା କବଚ। ଯେତେବେଳେ ସରକାର ମୌଳିକ ସେବା ଯୋଗାଇଦେବେ, ଯୁବକଙ୍କ ପାଇଁ ଆର୍ଥିକ ସମ୍ଭାବନା ରହିବ ଏବଂ ସଂସ୍ଥାଗୁଡ଼ିକୁ ବୈଧ ବୋଲି ବିଚାର କରାଯିବ, ସେତେବେଳେ ହିଂସା ରହିବ ନାହିଁ।

ସୁରକ୍ଷାରେ ବିକାଶ ହୋଇ ନ ଥାଏ, ବରଂ ବିକାଶ ସୁରକ୍ଷାର ବଳୟ ସୃଷ୍ଟି କରେ। ଏବକାର ବିଶ୍ୱରେ ତତ୍କାଳ ବିପଦ ଉପରେ କେବଳ ଧ୍ୟାନ କେନ୍ଦ୍ରିତ କରାଯାଉଛି। କିନ୍ତୁ ଯଦି ସ୍ୱଳ୍ପ ମିଆଦୀରେ ସଙ୍କଟ ଟାଳିବା ଲାଗି ସଂସ୍ଥାଗୁଡ଼ିକରେ ନିବେଶ, ସୁଯୋଗ ତଥା ଶାସନରେ ଥିବା ବାଧାକୁ ଦୂର କରାଯାଏ, ତେବେ ଅସ୍ଥିରତା ଅପସରିଯିବ ଏବଂ ସ୍ଥିତି ବ୍ୟବସ୍ଥିତ ହୋଇଯିବ। ହାର୍ଡ ପାୱାରର ସଙ୍କଟ ଦୂର କରିବାର କ୍ଷମତା ଅଛି ସତ, ହେଲେ ଏବକାର ସ୍ଥିତିରେ ବିକାଶ ହିଁ ହାର୍ଡ ପାୱାର କାମ କରିବ। ଭୂରାଜନୈତିକ ବିତର୍କରେ ବିକାଶକୁ ସାମିଲ କରିବା ସହ ଏହାକୁ ଯଥାର୍ଥରେ ରଣନୀତିକ ଓ ବଜେଟ କୈନ୍ଦ୍ରିକ କରାଯିବା ଆବଶ୍ୟକ। ଏବକାର ଏକ ଅସ୍ଥିର ଓ ଅସୁରକ୍ଷିତ ପୃଥିବୀରେ ବିକାଶ ପାଇଁ ଆମେ ଆଗୁଆ ଅର୍ଥ ଦେଇପାରିବା କିମ୍ବା ପରେ ସୁଧ ସହ ତାହାକୁ ଦେବା ଜାରି ରଖିପାରିବା।

**– ଆଡ୍‌ମିନିଷ୍ଟ୍ରେଟର, ୟୁନାଇଟେଡ୍ ନେଶନ୍ସ ଡେଭଲପମେଣ୍ଟ ପ୍ରୋଗ୍ରାମ**

# କହିଦେଉଥାଏ ପରକୁ



ମୀରା ବେଉରା

ଥରେ ଏକ ବିଦ୍ୟାଳୟରେ ସ୍ୱଚ୍ଛତା ସମ୍ପର୍କରେ ଗୋଟିଏ ଆଲୋଚନାଚକ୍ରରେ ଅତିଥି ଭାବରେ ଯୋଗଦେବାକୁ ମୁଁ ନିମନ୍ତ୍ରିତ ହୋଇଥିଲି। ଛାତ୍ରୀଛାତ୍ର କିଭଳି ବାହ୍ୟ ପରିଷ୍କାର ପରିଚ୍ଛନ୍ନ ଅର୍ଥାତ୍ ଆଖି, କାନ, ନାକ, ପାଟି ଶରୀର, ମୁଣ୍ଡ ଆଦି ପରିଷ୍କାର କରିବା ସହ ଅନ୍ତଃ ପରିଷ୍କାର ଅର୍ଥାତ୍ ହିଂସା ,ଈର୍ଷା ଘୃଣା ଆଦିକୁ ତ୍ୟାଗକରି ନିଜ ନିଜ ଭିତରେ କିପରି ସଦ୍‌ଭାବନା ,ଶ୍ରଦ୍ଧା ,ସଦିଚ୍ଛା ରକ୍ଷାକରିବେ ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଲି। ଏହାପରେ ଘରକୁ ଆସି ଦେଖେ ତ ନିଜ ଘରର ଜିନିଷପତ୍ର ସବୁ ଅସଜଡ଼ା ହୋଇ ସେମିତି ପଡ଼ିଛି। ଯେମିତି ଚାହୁଁଥିଲି ସେମିତି ଘରକୁ ସଜାଡ଼ିପାରୁ ନ ଥିଲି, ତେଣୁ ନିଜେ ଲଜ୍ଜିତ ଅନୁଭବକଲି। ଭାବିଲି ମୁଁ ନିଜେ କହୁଛି ଗୋଟେ କଥା କିନ୍ତୁ ତାହା କାର୍ଯ୍ୟରେ ପରିଣତ କରିପାରୁନାହିଁ। ମୋ ଭିତରେ ଯେ ହିଂସା, ଈର୍ଷା, ଘୃଣା କାହା ପ୍ରତି ନ ଥିଲା ତାହା ମୁଁ ସ୍ୱୀକାର କରିପାରିବି ନାହିଁ। ଥରେ ଜଣେ ବିଶିଷ୍ଟ ସାମାଜିକ କର୍ମୀଙ୍କୁ ଦେଖିଲି ସେ ସବୁବେଳେ ନିଜ ଶାଶୁଶଶୁରଙ୍କର ସେବା କରୁଥିବାର ସୁନ୍ଦର ସୁନ୍ଦର ଭିଡିଓ କରି ସୋସିଆଲ ମିଡିଆରେ ଛାଡୁଥିଲେ। କେବଳ ସେତିକି ନୁହେଁ, ସେ ବିଭିନ୍ନ ଜରାଶ୍ରମକୁ ଯାଇ ଲୋକକୁ କେମିତି କୋଳେଇ ନେଇ ଭଲ ପାଉଛନ୍ତି ତାକୁ ମଧ୍ୟ ସୁନ୍ଦର ଭିଡିଓକରି ଦେଖାଉଥିଲେ। ଏସବୁ ଦେଖି ମୁଁ ଭାବୁଥିଲି ସତରେ ଏତେ ଭଲ ମଣିଷ ଅଛନ୍ତି ଏ ସଂସାରରେ। ତା’ ପରେ କିଛିଦିନ ପରେ ଦେଖିଲି ସେବା କରୁଥିବା ମହିଳା ଜଣକ ଯାହା ବାହାରକୁ ଦେଖାଉଛନ୍ତି ପ୍ରକୃତରେ ସେ ସେପରି ନୁହନ୍ତି। ଆଉ ମଧ୍ୟ ଜାଣିବାକୁ ପାଇଲି ଯେ ସେ ତାଙ୍କ ଶାଶୁଶଶୁରଙ୍କୁ ଘରୁ ସମ୍ପୂର୍ଣ୍ଣ ବାହାର କରିଦେଇ ନିଜେ ଅଲଗା ଗୋଟିଏ ସୁନ୍ଦର ଫ୍ଲାଟ୍‌ରେ ରହୁଛନ୍ତି। ଆଖିକୁ ବିଶ୍ୱାସ କରିପାରୁ ନ ଥିଲି ମୁଁ। ସତରେ ଯାହା ବାହାରକୁ ଦେଖାଯାଏ ତାହା କଦାପି ସତ ନୁହେଁ। ସେଦିନ ମୋର ଏହା ହୃଦ୍‌ବୋଧ ହେଲା।

ଆଉ ଦିନେ ଦେଖିଲି ଦୁର୍ନୀତି ନିବାରଣ ସପ୍ତାହ ଚାଲିଥାଏ। ଦୂରଦର୍ଶନ ଓ ଖବରକାଗଜରେ ଦେଖିଲି ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମସ୍ତ ଅଫିସର ଦୁର୍ନୀତିକୁ ବିରୋଧକରି ଶପଥ ପାଠ କରୁଥାନ୍ତି ଯେ ସେମାନେ ଦୁର୍ନୀତି କରିବେନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବେନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଦେଖିଲି, ଜଣେ ସର୍ବାଧିକ ନମ୍ବର ରଖି ଓଏଏସ୍ ଟପର ହୋଇଥିବା ଅଫିସର ମାତ୍ର କେଇଟା ଟଙ୍କା ଲାଞ୍ଚ ନେଇ ଶେଷରେ ଧରାପଡ଼ିଥିଲେ ଭିଜିଲାନ୍ସ ଜାଲରେ। କିନ୍ତୁ ସେହି ବ୍ୟକ୍ତି ଦିନେ ଶପଥ ନେଇଥିଲେ ଦୁର୍ନୀତି ନିବାରଣ କରିବା ପାଇଁ।

ଏଇଠି ମନେପଡୁଛି ଆଉ ଜଣେ ମହୀୟସୀ ମହିଳାଙ୍କ କଥା। ଜଣେ ମହିଳା କମିଶନର ଥିଲେ। ସେ ପ୍ରାୟ ସହରର ସବୁ ମଞ୍ଚରେ ଯୌତୁକ ନିର୍ଯାତନା ଅଭିଯୋଗ ବିରୋଧରେ ଓ ଲିଙ୍ଗଗତ ଅସମାନତା ତଥା ମହିଳାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱଦେବା ସହ ଲମ୍ବା ଭାଷଣ ଦେଇ ଶ୍ରୋତାଙ୍କ ଆସ୍ଥାଭାଜନ ହୁଅନ୍ତି। କିନ୍ତୁ ବହୁଦିନ ବିତିଗଲା ପରେ ଦେଖିଲି, ସେ ନିଜେ ତାଙ୍କ ବୋହୂକୁ ଏତେ ମାତ୍ରରେ ନିର୍ଯାତନା ଦେଲେ ଯେ ବୋହୂ ଶେଷରେ ଆତ୍ମହତ୍ୟା କରିବାକୁ ଯାଇ ନଦୀକୁ ଡେଇଁପଡ଼ିଥିଲା। କିନ୍ତୁ ସ୍ଥାନୀୟ ଲୋକେ ତାକୁ ବଞ୍ଚାଇଥିଲେ। ଏମିତି ବି ଦେଖିବାକୁ ମିଳିଥିଲା ସଡ଼କ ସୁରକ୍ଷା ସପ୍ତାହ ଚାଲିଥିବା ସମୟରେ। ଏହା ଉପରେ ଲମ୍ବା ଲମ୍ବା ଭାଷଣ ଦେଉଥିବା ବ୍ୟକ୍ତି କିନ୍ତୁ ରାସ୍ତାରେ ଯିବା ସମୟରେ ନିଜେ ହେଲ୍‌ମେଟ୍ ନ ପିନ୍ଧି ଅନେକବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ମାସ ମାସ ମେଡିକାଲରେ ପଡ଼ିରହନ୍ତି। ଏଇଠି ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି, ସତରେ ଆମେ କହୁ ଗୋଟିଏ କଥା, କିନ୍ତୁ କାର୍ଯ୍ୟରେ ଏହାର ବିପରୀତ କାର୍ଯ୍ୟକରୁ। ଏ ବ୍ୟତିକ୍ରମ କାହିଁକି ?। ଆମେ ପ୍ରାୟତଃ ସୋସିଆଲ ମିଡିଆରେ ନିଜକୁ ଯେତିକି ଖୁସି ରହିଥିବାର ଦେଖାଉ ପ୍ରକୃତରେ ଆମେ ସେତିକି ଖୁସି ନ ଥାଉ। ଆଉ ମଧ୍ୟ ଆମେ ନିଜକୁ ଯେତେ ଭଲ ମଣଷଟିଏ ବୋଲି ପ୍ରମାଣ କରିବାକୁ ଚାହୁଁ ପ୍ରକୃତରେ କିନ୍ତୁ ଠିକ୍ ଓଲଟା। ଆମେ କହୁଥିବା କଥା ଯଦି ନିଜେ କାର୍ଯ୍ୟରେ ପରିଣତ ନ କରିବା ତେବେ ସୁନାର ଭାରତ ଗଢ଼ିବା ପାଇଁ ଯେଉଁ ସ୍ୱପ୍ନ ଆମ ପୂର୍ବସୁରୀମାନେ ଦେଖିଥିଲେ ତାହା କଦାପି ସମ୍ଭବ ହେବନାହିଁ। ଉଚ୍ଚାରଣ ଓ ଆଚରଣ ଭିତରେ ଯଦି ପ୍ରାର୍ଥକ୍ୟ ରହେ ତେବେ ଆମେ ନିଜ ସହ ଛଳନା କରୁନାହୁଁ ତ ଆଉ କ’ଣ ?

**ଦେଉଳସାହି, ତୁଳସୀପୁର,କଟକ**
**ମୋ:୭୮୪୬୯୨୧୪୦୦**

## ଏଇ ଭାରତରେ

ସହରୀକରଣରେ ବ୍ୟାପକ ଭାବେ ପୁରୁଣା ଆମ୍ବଗଛ କାଟି ଦିଆଯାଉଥିବାରୁ ବହୁ କିସମର ଦେଶୀ ଓ ସ୍ୱାଦିଷ୍ଟ ଆମ୍ବ ସମୟକ୍ରମେ ଲୋପ ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମଧ୍ୟ ଅନେକ କିସମ ଆମ୍ବ ଗଛ ଲୋପ ପାଇଗଲାଣି। ତେବେ ବିଲୁପ୍ତ ପ୍ରାୟ କିଛି ବିରଳ କିସମର ଦେଶୀ ଆମ୍ବ ସଂରକ୍ଷିତ କରି ରଖିଛନ୍ତି ଭାରତର କେତୋଟି ରାଜ୍ୟର ସ୍ଥାନୀୟ ଲୋକେ। ତାମିଲନାଡୁ ମଦୁରାଇ ଜିଲା କାରୁପଟ୍ଟି ଗାଁର ଲୋକେ କାରୁପଟ୍ଟିକାଇ କିସମ ଆମ୍ବ ସଂରକ୍ଷଣ କରି ରଖିପାରିଛନ୍ତି। ଏହାର ସ୍ୱାଦ ତାଳଗୁଡ଼ ଭଳି। ସେହିଭଳି କେରଳର ଅନେକ ଅଞ୍ଚଳରେ କାନିମାଙ୍ଗା ଆମ୍ବ ଉତ୍ପାଦନ ହେଉଛି, ଯାହା ଆଚାର ପାଇଁ ସବୁଠୁ ଭଲ। କର୍ଣ୍ଣାଟକରେ କାଲଭାବି ମଭୁ କିସମ ଆମ୍ବକୁ ସ୍ଥାନୀୟ ଲୋକେ ସଂରକ୍ଷିତ କରି ରଖିଛନ୍ତି। ଏହାସହ ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ଆମ୍ବା ଛେଟୁ ଆମ୍ବ ଏବେ ଯାଏ ଅଛି। ଏହାର ଆକାର ବଡ଼, ତନ୍ତୁଯୁକ୍ତ ଓ ରସାଳ। ପଶ୍ଚିମବଙ୍ଗର ବତାଶ୍ କିସମ ଦେଶୀ ଆମ୍ବ ଆକାରରେ ଛୋଟ ଏବଂ ବ୍ୟବସାୟ ଉପଯୋଗୀ ନ ହେଲେ ମଧ୍ୟ ଲୋକେ ଏହାକୁ ସ୍ୱାଦ ଦୃଷ୍ଟିରୁ ସଂରକ୍ଷଣ କରି ରଖି ପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

### ୨୭ ଫେବୃଆରୀ ୧୯୭୭

- ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟା ପ୍ରତି ରାଜ୍ୟ ବିଦ୍ୟୁତ୍ ବୋର୍ଡ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିନଥିବାରୁ ରାଜ୍ୟର ବିଭିନ୍ନ ବିଦ୍ୟୁତ୍ ଡିଭିଜନ ଅଫିସ ଆଗରେ ପ୍ରତୀ ଧର୍ମଘଟି ହୋଇଛି।
- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି, ପୂର୍ବତନ ମନ୍ତ୍ରୀ ଏମ୍. କନ୍ନାପାନ ଓ ଅନ୍ୟ ଚାରିଜଣଙ୍କ ବିରୁଦ୍ଧରେ ଏକ ହତ୍ୟା ମୋକଦ୍ଦମା ରୁଜୁ ହୋଇଛି।

## su|do|ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | 3 | | | | | 9 |
| | 5 | | | | 7 | 8 | | 3 |
| 8 | | 2 | | 1 | 9 | | | |
| | | | 1 | | | 7 | | |
| | | | 5 | 9 | | | 4 | 6 |
| 6 | | 1 | 8 | | 4 | | 3 | 5 |
| | 8 | | | | | 2 | | |
| 2 | 9 | | | | 5 | | 6 | 1 |
| | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 8 | 3 | 7 | 6 | 2 | 4 | 5 |
| 2 | 4 | 3 | 5 | 1 | 8 | 6 | 7 | 9 |
| 5 | 7 | 6 | 9 | 2 | 4 | 3 | 1 | 8 |
| 6 | 8 | 7 | 2 | 4 | 1 | 5 | 9 | 3 |
| 3 | 2 | 4 | 7 | 5 | 9 | 8 | 6 | 1 |
| 9 | 5 | 1 | 8 | 6 | 3 | 7 | 2 | 4 |
| 4 | 6 | 2 | 1 | 3 | 5 | 9 | 8 | 7 |
| 8 | 1 | 5 | 6 | 9 | 7 | 4 | 3 | 2 |
| 7 | 3 | 9 | 4 | 8 | 2 | 1 | 5 | 6 |

ଗତକାଲିର ଉତ୍ତର

# ସମର୍ପିତ ସଙ୍ଗଠନ



ଶୁଭନାରାୟଣ ଶତପଥୀ

ଭାରତରେ, ଏନ୍‌ଜିଓ କହିଲେ ବିଭିନ୍ନ ପ୍ରକାରର ବେସରକାରୀ ସଙ୍ଗଠନକୁ ବୁଝାଏ, ଯାହା ଅଣ–ସରକାରୀ, ସ୍ୱେଚ୍ଛାସେବୀ କିମ୍ବା ଅଣ–ସ୍ୱେଚ୍ଛାସେବୀ ଇତ୍ୟାଦି ହୋଇପାରେ। ଏହି ସଙ୍ଗଠନଗୁଡ଼ିକ ସରକାରୀ ନୁହେଁ ସତ କିନ୍ତୁ ସେମାନଙ୍କର ଆଇନଗତ ସ୍ଥିତି ଅଛି ଅର୍ଥାତ୍ ; ସମାଜ ପଞ୍ଜୀକରଣ ଆଇନ, ଟ୍ରଷ୍ଟ ଆଇନ ଇତ୍ୟାଦି ନିର୍ଦ୍ଦିଷ୍ଟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇଥାନ୍ତି। ଭାରତୀୟ ସମ୍ବିଧାନର ଧାରା ଏନ୍‌ଜିଓ ବିଷୟରେ ବର୍ଣ୍ଣନା କରେ ଯଥା ; ସଂଘ ଗଠନ କରିବାର ଅଧିକାର ଉପରେ ଧାରା ୧୯ (୧) (ସି), ଧାରା ୪୩ ଯାହା ଗ୍ରାମାଞ୍ଚଳରେ ସମବାୟକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରୟାସକୁ ସମୃଦ୍ଧ କରେ, ସମକାଳୀନ ତାଲିକା ପରିଶିଷ୍ଟ ୨୮ରେ ଦାନ ଏବଂ ଦାନଯୋଗ୍ୟ ଅନୁଷ୍ଠାନ, ଧାର୍ମିକ ଦାନ ଏବଂ ଧାର୍ମିକ ଅନୁଷ୍ଠାନ ବିଷୟରେ ଉଲ୍ଲେଖ ଅଛି। ତଥ୍ୟରୁ ଜଣାଯାଏ ଯେ ୨୦୨୫ ସୁଦ୍ଧା ଭାରତ ସରକାରଙ୍କ ସମକାଳୀନ ତାଲିକା ଦର୍ପଣ ପୋର୍ଟାଲରେ ମୋଟ ୩.୮୭ ଲକ୍ଷ ଅଣ–ସରକାରୀ ସଙ୍ଗଠନ ନୀତି ଆୟୋଗ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି। ଏହି ସଙ୍ଗଠନଗୁଡ଼ିକ ଦେଶ ପାଇଁ ସମ୍ବଳ । ସେ ଯାହାହେଉ, ସାମାଜିକ ବିକାଶକୁ ବୃଦ୍ଧି କରିବା ପାଇଁ ସାମାଜିକ ପରିବର୍ତ୍ତନ ଓ ବିକାଶ ଲାଗି କାର୍ଯ୍ୟ କରୁଥିବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ସମାଜସେବୀ ବ୍ୟକ୍ତିଙ୍କର ଏକ ଗୋଷ୍ଠୀ ଆଗକୁ ଆସିଥାଏ। ପ୍ରକୃତରେ ଅଧିକାଂଶ ଏନ୍‌ଜିଓ ସମାଜ ପ୍ରତି ସମର୍ପିତ, ପ୍ରତିବଦ୍ଧ। ଅଣ–ଲାଭକାରୀ ସଙ୍ଗଠନଗୁଡ଼ିକ ସାମାଜିକ ସମସ୍ୟା ଏବଂ ଆବଶ୍ୟକତା ପ୍ରତି ଜନସାଧାରଣଙ୍କ ଧ୍ୟାନ ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏନ୍‌ଜିଓଗୁଡ଼ିକର ବିଚାରଧାରା, ଆଗ୍ରହ, ସମାନୁଭୂତ କାର୍ଯ୍ୟଶୈଳୀ ଅନନ୍ୟ ଏବଂ ମୁଖ୍ୟତଃ ସେହି ଧୂସର କ୍ଷେତ୍ରଗୁଡ଼ିକୁ ସମ୍ବୋଧିତ କରେ ଯେଉଁଠାରେ କେହି ପହଞ୍ଚି ନ ଥିବେ। ବାସ୍ତବରେ ଏହା ଲୋକଙ୍କ ସାମାଜିକ–ଆର୍ଥିକ ସ୍ୱାର୍ଥ ପାଇଁ ଅନିବାର୍ଯ୍ୟ। ସେହିପରି ଅଧିକାଂଶ ଏନ୍‌ଜିଓ କର୍ମକର୍ତ୍ତାମାନେ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ହୋଇଥାନ୍ତି।

ଏନ୍‌ଜିଓଗୁଡ଼ିକର ଉତ୍ସର୍ଗୀକୃତ ବୃତ୍ତିଧାରୀମାନେ ବିକାଶମୂଳକ କାର୍ଯ୍ୟରେ ଲୋକଙ୍କ ଅବଦାନ ସଂଗ୍ରହ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ନବସୃଜନ ସହିତ ଯୋଗଦାନ କରନ୍ତି ଏବଂ ଯେଉଁଠାରେ ଚ୍ୟାଲେଞ୍ଜ ଥାଏ ସେଠାରେ ସେମାନେ କାମ କରନ୍ତି। ଦଳଗତ କାର୍ଯ୍ୟ ହେଉଛି ସେମାନଙ୍କର କ୍ଷମତା। ସମନ୍ୱୟ ମାଧ୍ୟମରେ, ଏନ୍‌ଜିଓମାନେ ଦୁର୍ବଳ କ୍ଷେତ୍ରର ବୃହତ ସ୍ୱାର୍ଥ ପାଇଁ ବିଭିନ୍ନ ଅଂଶୀଦାର ଏବଂ ଏଜେନ୍ସି ସହିତ କାର୍ଯ୍ୟ କରନ୍ତି। ସମାଜର ପ୍ରତ୍ୟେକ କୋଣରେ ଏନ୍‌ଜିଓର ଅସ୍ତିତ୍ୱକୁ ଆମେ ଅସ୍ୱୀକାର କରିପାରିବା ନାହିଁ। ଆମେ କହିପାରିବା ଯେ ସେମାନେ ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭ।

କିନ୍ତୁ ବର୍ତ୍ତମାନ କିଛି ଲୋକଙ୍କର ଧାରଣା ଯେ ଏପରି ସଂଗଠନଗୁଡ଼ିକ ଠକେଇ, ଦୁର୍ନୀତିଗ୍ରସ୍ତ, ନକାରାତ୍ମକ ଇତ୍ୟାଦି ଉପାୟରେ ଲୋକଙ୍କୁ ସଙ୍ଗଠିତ କରୁଛନ୍ତି। କିନ୍ତୁ କୌଣସି ପ୍ରମାଣ ବିନା ଏହି ପ୍ରକାରର ମତାମତ, ଏନ୍‌ଜିଓ ଗଠନ କରି ସାମାଜିକ ବିକାଶ ପାଇଁ ଆଗକୁ ଆସୁଥିବା ଉତ୍ସର୍ଗୀକୃତ ସାମାଜିକ



ନେତାମାନଙ୍କୁ ନୈତିକତାହୀନ କରିପାରେ। ଏକ ସାଧାରଣ କାରଣ ଓ ସାମୂହିକ ବିକାଶ ପାଇଁ ବ୍ୟବସ୍ଥା ଏବଂ ଲୋକଙ୍କ ଏକତ୍ରୀକରଣକୁ ଏହା ଭାଙ୍ଗିଦେଇପାରେ। ତେବେ ବିଶୃଙ୍ଖଳିତ ଆଚରଣ ପାଇଁ ବନ୍ଦ ବଦଳରେ ଦଣ୍ଡ ବିଧାନ କରାଯାଇପାରେ। ଏତେ କମ୍ ପାରିଶ୍ରମିକ ଓ ସମ୍ମାନ ପାଇବା ପରିବର୍ତ୍ତେ, ସଂଗଠନର ସ୍ୱେଚ୍ଛାସେବୀ, କର୍ମଚାରୀମାନେ ସ୍ଥିର ଲକ୍ଷ୍ୟ ହାସଲ କରିବା ପାଇଁ ଦିନରାତି ଉତ୍ସର୍ଗୀକୃତ ପ୍ରୟାସ ସହିତ କାର୍ଯ୍ୟ କରନ୍ତି। ଭଲ ଏବଂ ଉଚ୍ଚ କ୍ୟାରିଅର ବିକାଶ ତଥା ଆତ୍ମକୌଶଳ ପାଇଁ ଏକ ସୁନ୍ଦର ଅଭିନବ ପ୍ଲାଟ୍‌ଫର୍ମ। କ୍ୟାରିଅରର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୁବକମାନେ ଏନ୍‌ଜିଓ କ୍ଷେତ୍ରରେ କାମ କରିଥିବା ଏବଂ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିବା ଅନେକ ଉଦାହରଣ ଅଛି ଯେଉଁଠାରେ ବ୍ୟକ୍ତି ଭବିଷ୍ୟତରେ ସେହି ଦକ୍ଷତା ଓ ସମର୍ପଣକୁ ବିନିଯୋଗ କରି ଉତ୍ତମ କାମ କରିବାକୁ ଇଚ୍ଛା ପ୍ରକାଶ କରନ୍ତି। ଅନେକ ଲୋକ ଏନ୍‌ଜିଓ କାର୍ଯ୍ୟ ସଂସ୍କୃତିରେ ଶିଡ଼ି ଦେଇ ବହୁତ କିଛି ହାସଲ କରିଛନ୍ତି ଓ ସମାଜକୁ ଅବଦାନ ଦେଇଛନ୍ତି। ଏନ୍‌ଜିଓର ତୃଣମୂଳସ୍ତରୀୟ ଗଭୀର ବା ସୂକ୍ଷ୍ମ କାର୍ଯ୍ୟ ସେମାନଙ୍କ କର୍ମଚାରୀଙ୍କ ଦକ୍ଷତାକୁ ତୀକ୍ଷ୍ଣ କରିଥାଏ, ଯାହା ଭଲ କରିବାକୁ ଏବଂ ଭବିଷ୍ୟତକୁ ଉନ୍ନତ କରିବାରେ ସାହାଯ୍ୟ କରେ। ପ୍ରକୃତରେ ଏହା ଏକ ପ୍ରେରଣା। ଯଦିଓ ଏନ୍‌ଜିଓଗୁଡ଼ିକ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି, ଏହା ଉତ୍କର୍ଷ, ନବସୃଜନ, ପ୍ରେରଣା ଏବଂ କାର୍ଯ୍ୟ ଯୋଜନାର ଢାଞ୍ଚା ପ୍ରଦାନ କରେ। ଏହା ବ୍ୟତୀତ, ଏନ୍‌ଜିଓଗୁଡ଼ିକ ନାଗରିକମାନଙ୍କ ପ୍ରତି ସରକାର ପ୍ରତିକ୍ରିୟାଶୀଳ ହେବା ନିଶ୍ଚିତ କରିବା ସହିତ ସରକାରଙ୍କ ଦାୟିତ୍ୱକୁ ବ୍ୟାପକ କରିବା କ୍ଷେତ୍ରରେ କାର୍ଯ୍ୟକରନ୍ତି। ସେମାନେ ବାସିନ୍ଦାଙ୍କ ସମ୍ପୃକ୍ତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଅନେକ ସେବା ପ୍ରଦାନର ଦକ୍ଷତା ବୃଦ୍ଧି କରନ୍ତି। ଏନ୍‌ଜିଓଗୁଡ଼ିକ ଦ୍ୱାରା ସାମାଜିକ ଅଡିଟ୍ ହେଉଛି ଆର୍ଥିକ ଉପଯୁକ୍ତ ବ୍ୟବହାର, ଉତ୍ପାଦନ ସୂଚକ ସଫଳତା, ଜନସାଧାରଣଙ୍କ ଅଂଶଗ୍ରହଣ ସହିତ ସେବା ପ୍ରଦାନକାରୀଙ୍କ ଦାୟିତ୍ୱ ମାପିବା ପାଇଁ ତୃଣମୂଳ ସ୍ତରରେ କରାଯାଇଥିବା ସମସ୍ତ କାର୍ଯ୍ୟକଳାପକୁ ତଦାରଖ କରିବା ପାଇଁ ଏକ ପ୍ରକ୍ରିୟା।

ଜନସାଧାରଣଙ୍କୁ ସମସ୍ୟା ବିଷୟରେ ଗବେଷଣା, ବିଶ୍ଳେଷଣ ଏବଂ ସୂଚନା ପ୍ରଦାନ କରନ୍ତି। ଗଣମାଧ୍ୟମ ଅଭିଯାନ ଏବଂ ଅନ୍ୟାନ୍ୟ ପ୍ରକାରର ସକ୍ରିୟତା ମାଧ୍ୟମରେ ନାଗରିକ କାର୍ଯ୍ୟକୁ ସଂଗଠିତ କରନ୍ତି ଏବଂ ନୀତି ନିର୍ମାତାମାନଙ୍କ ସହିତ ମଧ୍ୟ କାମ କରନ୍ତି। ଅନେକ କ୍ଷେତ୍ରରେ ଏହି ସଂଗଠନଗୁଡ଼ିକ ନିମନ୍ତ୍ରିତ ଏବଂ ବିନା ନିମନ୍ତ୍ରିତ ଭାବରେ ସରକାର ଏବଂ କର୍ପୋରେଟ କାର୍ଯ୍ୟଦକ୍ଷତା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିମନ୍ତେ ‘ୱାଚ୍‌ଡଗ୍’ କିମ୍ବା ସ୍ୱାଧୀନ ‘ଅଡିଟର’ ଭାବରେ କାର୍ଯ୍ୟ କରନ୍ତି। ଏନ୍‌ଜିଓଗୁଡ଼ିକର ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମାଜର କାରଣ ପାଇଁ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ପାଇଁ ଶୀର୍ଷ ସ୍ତରରେ ଏକ ସାମ୍ବିଧାନିକ ୟୁନିଟ୍ ଅତ୍ୟନ୍ତ ଆବଶ୍ୟକ। ଏହା ରାଷ୍ଟ୍ର ନିର୍ମାଣ ଦିଗରେ ସେବା କରୁଥିବା ଏନ୍‌ଜିଓକୁ ନିରନ୍ତର ସମର୍ଥନ ପାଇଁ ସହାୟକ ହେବ। ଏନ୍‌ଜିଓର ଅବଦାନ ବିନା, ଆମେ ପୂର୍ଣ୍ଣ ପ୍ରଗତି କଳ୍ପନା କରିପାରିବା ନାହିଁ। ସରକାରୀ ବେସରକାରୀ ଭାଗୀଦାରି ସବୁଠାରୁ ବେଶି ସଫଳ ହୋଇଥାଏ। ଏ କ୍ଷେତ୍ରରେ କେବଳ ସମ୍ପୃକ୍ତ କାର୍ଯ୍ୟ କ୍ଷେତ୍ରରେ ଦକ୍ଷ ଏନ୍‌ଜିଓର ନିରପେକ୍ଷ ଚୟନ ଆବଶ୍ୟକ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ସମାଜ ଲାଗି କଳଙ୍କ

ମହାଶୟ,

କୁହାଯାଏ ଶିକ୍ଷକ ହେଉଛନ୍ତି ସିଏ, ଯିଏ ଅନ୍ଧକାରରୁ ଆଲୋକ ଆଡ଼କୁ ଛାତ୍ରୀଛାତ୍ରଙ୍କୁ ଘେନି ଯାଆନ୍ତି। ମାତାପିତାଙ୍କ ପରେ ଶିକ୍ଷକ ହିଁ ପିଲାଙ୍କୁ ଏ ଦୁନିଆରେ ମଥା ଉପରକୁ କରି ଭଲ ଭାବେ ଚାଲିବା ଶିଖାଇଥାନ୍ତି। ଗୁରୁ – ଶିଷ୍ୟ ପରମ୍ପରାର ଅନେକ ଉଜ୍ଜ୍ୱଳ ଉଦାହରଣ ପୂର୍ବର ରାମାୟଣ, ମହାଭାରତଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। କିନ୍ତୁ କେନ୍ଦ୍ରାପଡ଼ାରେ ସପ୍ତମ ଶ୍ରେଣୀର ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ କଲେ ଶିକ୍ଷକରୂପୀ ରାକ୍ଷସମାନେ। ଏଭଳି କଳଙ୍କିତ ଅଧ୍ୟାୟ ସାରା ଦେଶରେ ଓଡ଼ିଶାକୁ ନିନ୍ଦିତ କରିଛି। ଏହି ଘଟଣା ସମଗ୍ର ଶିକ୍ଷକ ସମାଜ ପାଇଁ ଲାଗି କଳଙ୍କ। ଏଥିରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଓ ପରୋକ୍ଷରେ ଦାୟୀ ସମସ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଏଥିରେ ଆଉ ଗୋଟିଏ କଥା ସାମ୍ନାକୁ ଆସୁଛି। ତାହା ହେଉଛି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା। ଯେଉଁମାନେ ଶିକ୍ଷାଦାନକୁ ଚାକିରି ବା ବୃତ୍ତି ବୋଲି ନ ଭାବି ସେବା ଓ ସମର୍ପଣ ଭାବନା ରଖନ୍ତି, କେବଳ ସେହିମାନଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉ। ତେଣୁ ଶିକ୍ଷକ ମନୋନୟନ ଢାଞ୍ଚାରେ ପରିବର୍ତ୍ତନ ଲୋଡ଼ା।

**–ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାତାୟନ ପଥେ ଉଡ଼ିଥିଲା ଚାରୁ ପଣତ
ଦେଖି ତାହା
ପରମ ପୁଲକେ ଏ ପରାଣ ହେଲା ଆନତ
ସେ କି ମାୟା !
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମହିଳା କଂଗ୍ରେସ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ହରଦୀପଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର,୨୬।୨
(ରବିନାରାୟଣ ଜେନା)



ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକ ଏବଂ କୋରାପୁଟର ଜୟପୁରଠାରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି ଏପ୍‌ଷ୍ଟିନଙ୍କ ସହ ତାଙ୍କର ପାପ ସମ୍ପର୍କକୁ ଘୋଡ଼ାଇବା ପାଇଁ ମିଥ୍ୟା କାହାଣୀ ରଚନା କରୁଛନ୍ତି। ଏପ୍‌ଷ୍ଟିନ ଫାଇଲରେ ବିଶ୍ୱର ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ନାମ ବାହାରିବା ପରେ ଯେଉଁମାନେ ସମ୍ପୃକ୍ତ ସରକାରୀ ବ୍ୟବସ୍ଥା ଭିତରେ ରହିଥିଲେ ସେମାନେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଉଥିବାବେଳେ ହରଦୀପ ସିଂ ପୁରି କାହିଁକି ଇସ୍ତଫା ଦେଉ ନାହାନ୍ତି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରୁନାହାନ୍ତି ବୋଲି ମିନାକ୍ଷୀ ପ୍ରଶ୍ନ କରିଛନ୍ତି। ଏହି ବିକ୍ଷୋଭରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ସୁମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଶଳା ଭିଣୋଇ ମୃତ: ନାବାଳକ ଆହତ

## ଶୁଦ୍ଧିଘର ଯାଇ ଫେରୁଥିବା ବେଳେ ଅଘଟଣ

କଣ୍ଟାବାଞ୍ଜି/ଲାଠୋର,
୨୬।୨(ଗୁରୁ ଦୟାଳ ହଂସ)

ଶୁଦ୍ଧିଘର କାର୍ଯ୍ୟରେ ଯୋଗଦେଇ ଘରକୁ ଫେରିବା ବେଳେ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହରେସ ମାଝି(୨୫) ଓ ବେଦ ପୂଝାରୀ (୩୫)। ଏହାଛଡ଼ା ଜଣେ ନାବାଳକ ଆହତ ହୋଇଛନ୍ତି। ଦୁଇ ମୃତକ ସମ୍ପର୍କରେ ଶଳା ଭିଣୋଇ ବୋଲି ଜଣାଯାଇଛି। ବଲାଙ୍ଗୀର ଜିଲା ଟୁରେକେଲା ଥାନା ବୁଢ଼ୀବାହାଲ ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି।

ପ୍ରକାଶ ଯେ, କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗ୍ରାମର ହରେସ, ବେଦ ଏବଂ ବେଦଙ୍କ ୧୩ ବର୍ଷର ପୁଅ କୃଷ୍ଣ ଲାଠୋର ଥାନା ଅଧୀନ ବାଗଡିଆ ଗ୍ରାମକୁ ଶୁଦ୍ଧିଘର କାର୍ଯ୍ୟରେ ଯୋଗଦେବା ପାଇଁ ଯାଇଥିଲେ। ସେମାନେ ଅପରାହ୍ନ ପ୍ରାୟ ୩ଟାରେ ଏକ ମୋଟର ସାଇକେଲରେ ଘରକୁ ଫେରୁଥିଲେ। ବାଟରେ ବୁଢ଼ୀବାହାଲ ଗ୍ରାମ ନିକଟରେ କୌଣସି କାରଣରୁ ମୋଟରସାଇକେଲଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ମୋଟରସାଇକେଲରେ ବସିଥିବା ୩ ଜଣ ଯାକ ପଡିଯାଇ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ହରେସ ଓ ବେଦଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଟୁରେକେଲା ପୋଲିସ ଏକ ଅପମୃତ୍ୟୁ ମାମଲା ( ନଂ.୩୯/୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଟୁରେକେଲା ଥାନା ଅଧିକାରୀ ରାକେଶ ବେହେରାଙ୍କଠାରୁ ପ୍ରକାଶ।

# ଉଦୟଭାନୁଙ୍କ ଗିରଫକୁ ନେଇ ରାଜ୍ୟ ଯୁବକଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର,୨୬।୨
(ରବିନାରାୟଣ ଜେନା)

ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍‌ଙ୍କୁ ଦିଲ୍ଲୀ ପୋଲିସର ଗିରଫ ପ୍ରତିବାଦରେ ରାଜ୍ୟ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କର କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଛନ୍ତି। ଯୁବ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚିବା ପରେ ଚିବ୍‌ଙ୍କ ଗିରଫଦାରିକୁ ବିରୋଧ କରି ମୋଦି ଓ ଶାହାଙ୍କ ବିରୋଧରେ ନାରାବାଜି କରିବା ସହିତ ଚିବ୍‌ଙ୍କୁ ମୁକ୍ତ କରିବାପାଇଁ ଦାବି କରିଥିଲେ। ଯଦି ମୋଦି ସରକାର ଏଭଳି ଆକ୍ରୋଶମୂଳକ ରାଜନୀତିରୁ କ୍ଷାନ୍ତ ନ ରୁହନ୍ତି ତାହାଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଯୁବ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ସୁରଜ ରାଉତ, ଅମରେଶ ପରିଡ଼ା, ବିଶ୍ୱଜିତ ସ୍ୱାଇଁ, ଶାହାରୁଖ ଖାନ ପ୍ରମୁଖ ସାମିଲ ଥିଲେ।

# ୩ଦିନରେ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୬।୨ (ବନ୍ଦନା ସେଠୀ)

ରାଜ୍ୟରେ ବୃଦ୍ଧି ପାଇବ ଦିନ ଓ ରାତି ତାପମାତ୍ରା। ଆସନ୍ତା ୩ଦିନ ମଧ୍ୟରେ ସର୍ବାଧିକ ବା ଦିନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ସେହିପରି ସର୍ବନିମ୍ନ ବା ରାତି ତାପମାତ୍ରା ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର ବର୍ଷା ହୋଇଛି। ନୟାଗଡ଼ ଜିଲା ବାରମୂଳରେ ୫.୪ ମି.ମି. ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ା ମାର୍ଶାଘାଇରେ ୫ମି.ମି., ଡେରାବିଶରେ ୨.୫ମି.ମି., ଗରଦପୁରରେ ୨ମି.ମି., ଗଞ୍ଜାମ ଦିଗପହଣ୍ଡିରେ ୫ମି.ମି., ଯାଜପୁର ଜେନାପୁରରେ ୨.୨ ମି.ମି., ଜଗତ୍‌ସିଂହପୁର ପାରାଦୀପରେ ୧.୫ମି.ମି ଏବଂ ଗଜପତି ଜିଲା ମୋହନାଠାରେ ୦.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତ ୨୪ଘଣ୍ଟାରେ ରାଜ୍ୟର ୯ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଏବଂ ଏହାଠାରୁ କମ୍ ରହିଥିଲା। ସର୍ବନିମ୍ନ ନିମ୍ନତମ ତାପମାତ୍ରା ସମତଳ ଅଞ୍ଚଳ ଭାବେ ରାଉରକେଲାଠାରେ ୧୨.୨ ଡିଗ୍ରୀ, ଜି.ଉଦୟଗିରିରେ ୯.୭ ଡିଗ୍ରୀ ଏବଂ ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା। କିନ୍ତୁ ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାରୁ ଆସନ୍ତା ୭ଦିନ ପର୍ଯ୍ୟନ୍ତ ପାଗ ଶୁଷ୍କଳା ରହିବ।


## ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।


## HDFC BANK
ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ
**ସଂଶୋଧନ ପତ୍ର**

ଦୈନିକ ଖବରକାଗଜ "ଧରିତ୍ରୀ"ରେ ତା ୨୬.୦୨.୨୦୨୬ରିଖରେ ପ୍ରକାଶିତ ଆମର "ଦଖଲ ନୋଟିସ୍"ରେ ଋଣଗ୍ରହୀତାମାନେ: କ)ଶ୍ରୀ ସମିର କୁମାର ମଲ୍ଲିକ, ଖ) ଶ୍ରୀମତୀ ଶାନ୍ତିଲତା ମଲ୍ଲିକଙ୍କ ଡିମାଣ୍ଡ ନୋଟିସ୍ ତାରିଖକୁ ୧୩.୧୨.୨୦୨୪ ପରିବର୍ତ୍ତେ **୧୩.୧୧.୨୦୨୫** ପଢ଼ିବାକୁ ଅନୁରୋଧ । ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ଅଟେ।

ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ:୨୬.୦୨.୨୦୨୬ — ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CAR-FESTIVAL-546, ତା.20.02.2026ରିଖ

**କାର୍ଯ୍ୟର ନାମ :** "ରଥ ଯାତ୍ରା 2026" ପାଇଁ ଟେଲିକମ୍ ସମ୍ବନ୍ଧୀୟ କାର୍ଯ୍ୟ।
**ଟେଣ୍ଡର ମୂଲ୍ୟ (₹): 75,00,201.17, EMD (₹):1,50,000.00**
**ବିଡ଼୍ ଆରମ୍ଭ ହେବା ତାରିଖ : ତା.02.03.2026ରିଖ,**
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 16.03.2026 ରିଖ 1100 ଘଟିକାରେ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବା। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-1168/Q/25-26

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2026-07, ତା.19.02.2026ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି ଏବଂ ଭବାନୀପାଟଣାରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ସିଷ୍ଟମ୍‌ର ବ୍ୟବସ୍ଥା।
**ଟେଣ୍ଡର ମୂଲ୍ୟ (₹): 19,82,154.36, EMD (₹): 39,700.00**
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 13.03.2026 ରିଖ 1100 ଘଟିକାରେ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବା। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-1167/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ; **କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଏବଂ ଅମାନତ ରାଶି ଯଥାକ୍ରମେ: (୧); ଟି-ପିୟୁବି-ଜିଆରସି-୨୦୨୬-୪୨୩, ତାରିଖ: ୨୫।୦୨।୨୦୨୬;** ଏଡିଇଏନ୍/ସେଟଲମେଣ୍ଟ/ଜିଆରସି, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍‌ଙ୍କ ଅଧୀନରେ ବିଲ୍ଡିଂ ନଂ. ୧୯ ଓ ୨୦ର ସୁଦୃଢ଼ୀକରଣ ଏବଂ ଉନ୍ନତୀକରଣ ସମେତ ଅନ୍ୟାନ୍ୟ ବିବିଧ କାର୍ଯ୍ୟ; ₹୪,୯୦,୫୬,୪୭୩.୯୬; ₹୩,୯୫,୩୦୦.୦୦; **(୨); ଟି-ପିୟୁବି-ଜିଆରସି-୨୦୨୬-୪୨୪, ତାରିଖ: ୨୫।୦୨।୨୦୨୬;** ଏଡିଇଏନ୍/ସେଟଲମେଣ୍ଟ/ଗାର୍ଡେନ ରିଚ୍, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାର ଅଧୀନରେ ନର୍ଥ କଲୋନୀ, ଗାର୍ଡେନ ରିଚ୍ କମ୍ପ୍ଲେକ୍ସଠାରେ ନୂଆ ଅଡିଟୋରିୟମ୍ (ଜି+ ।) ନିର୍ମାଣ କରିବା; ₹୯,୨୩,୧୪,୦୦୪.୦୯; ₹୬,୧୧,୬୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ : ₹୦.୦୦ (କ୍ର.ସଂ. ୧ ଓ ୨ ପାଇଁ); ଖୋଲାଯିବା ତାରିଖ: ତା୨୪।୦୩।୨୦୨୬ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୨୧୮।୦୩।୨୦୨୬ରିଖ (କ୍ର.ସଂ. ୨ ପାଇଁ); କାର୍ଯ୍ୟର ସମାପ୍ତି ଅବଧି: ୧୨ (ବାର) ମାସ (କ୍ର.ସଂ. ୧ ପାଇଁ) ଏବଂ ୧୮ (ଅଠର) ମାସ (କ୍ର.ସଂ. ୨ ପାଇଁ)** । ଟେଣ୍ଡର ଅନୁସୂଚୀରେ କୌଣସି ପରିବର୍ତ୍ତନ, ଶୁଦ୍ଧିପତ୍ର, ସଂଶୋଧନ, ଯଦି ଥାଏ, କେବଳ ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହା ଖବରକାଗଜରେ ପ୍ରକାଶିତ ହେବନାହିଁ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ; ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । ସହାୟତା ଡେସ୍କ ଯୋଗାଯୋଗ ନଂ.: ୦୩୩-୨୪୫୦-୩୭୮୩ । **(PR-1239)**

## NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

### QUOTATION CALL NOTICE

Sealed quotations in prescribed format are invited from eligible bidders for "Repair works for sports infrastructure" and "Repair works for Tennis & Basketball Courts" at NLUO Cuttack. Last date & time of receipt is **05.03.2026 at 11.00 A.M.** For details please visit website- **https://nluo.ac.in/tenders/.**

Sd/- Registrar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
RURAL WORKS DIVISION-II, JAJPUR

No.25001/255/2526 rwdivision_jaraka@yahoo.co.in

**'E' PROCUREMENT NOTICE NO.RWD-II/JJPR-08/2025-26**

1. **Name of work** : **Building and Road works** in the District of Jajpur for the year 2025-26
2. **Total No. of Work** : **5 nos.** of works
3. **Estimated Cost (Approx)** : As indicated against each work in the NIT
4. **Period of Completion** : As indicated against each work in the NIT
5. **Class of contractors** : As indicated against each work in the NIT

**Other details as follows :**

a) Procurement officer : Superintending Engineer, Rural Works Division-II, Jajpur at Jaraka
b) Availability of tender online & submission of bid : 26.02.2026 at 11.00 A.M. to 07.03.2026 upto 5.00 P.M.
c) Last date & time of seeking of tender clarification : 06.03.2026 upto 4.00 P.M.
d) Opening of Tender : 07.03.2026 at 05.30 P.M.

Further details can be seen from the Govt. website www.tendersodisha.gov.in

Sd./- Superintending Engineer
Rural Works Division-II
Jajpur at Jaraka

OIPR-25001/25080/1/25-26/0027

## ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ଆର୍.ଏମ୍. ଲୋଧା କମିଟି
(ପିଏସିଏଲ୍ ଲିଃ ମାମଲାରେ)

### ସର୍ବସାଧାରଣ ବିଜ୍ଞପ୍ତି

**ଓଡ଼ିଶା - ଖୋରଧା/ଖୋର୍ଦ୍ଧା, ହରିୟାଣା - ମହେନ୍ଦ୍ରଗଡ଼ ଓ ଫତେହାବାଦ ସ୍ଥିତ ପିଏସିଏଲ୍ ଲିଃର ସମ୍ପତ୍ତିଗୁଡ଼ିକର ଇ-ନିଲାମ**

୧. ମାନ୍ୟବର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସୁବ୍ରତ ଭଟ୍ଟାଚାର୍ଯ୍ୟ ବନାମ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ମାମଲା (ସିଭିଲ ଅପିଲ ସଂ. ୧୩୩୦୧/୨୦୧୫)ରେ ତଥା ଅନ୍ୟାନ୍ୟ ସମ୍ବନ୍ଧିତ ମାମଲାରେ, ୨ ଫେବୃଆରୀ ୨୦୧୬ ଦିନ ପାରିତ କରାଯାଇଥିବା ଆଦେଶ ଅଧୀନରେ, ପିଏସିଏଲ୍ ଲିଃ ଦ୍ୱାରା କ୍ରୟ କରାଯାଇଥିବା ସମ୍ପତ୍ତିଗୁଡ଼ିକ ବିକ୍ରି କରିବା ପାଇଁ ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ଆର୍.ଏମ୍. ଲୋଧାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା, ଯାହାଦ୍ୱାରା ବିକ୍ରୟରୁ ଲବ୍ଧ ଟଙ୍କା (ସେଲ୍ ପ୍ରୋସିଡ୍ସ)ରୁ ନିବେଶକମାନଙ୍କୁ ଦେୟ ପୈଠ କରାଯାଇପାରିବ । ଉପରୋକ୍ତ ମାମଲାରେ ମାନ୍ୟବର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ହୋଇଥିବା ୮ ଅଗଷ୍ଟ, ୨୦୨୪ର ଆଦେଶ ଅନୁଯାୟୀ ଏହି କମିଟି ଓଡ଼ିଶା – ଖୋରଧା/ଖୋର୍ଦ୍ଧା, ହରିୟାଣା – ମହେନ୍ଦ୍ରଗଡ଼, ଫତେହାବାଦଠାରେ ଅବସ୍ଥିତ ପିଏସିଏଲ୍ ଲିଃର ସମ୍ପତ୍ତିଗୁଡ଼ିକର ଇ-ନିଲାମ ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ଏବଂ ସେହି ଅନୁଯାୟୀ "ପ୍ରସ୍ତାବ ପାଇଁ ଅନୁରୋଧ" (ଆର୍‌ଏଫ୍‌ପି) ଜାରି କରାଯାଇଛି ଯାହା ନିମ୍ନଲିଖିତ ଲିଙ୍କରେ ଉପଲବ୍ଧ: https://www.sebi.gov.in/notice-for-eoi-proposals.html, https://www.bankeauctions.com ।
୨. ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧିତ ଦସ୍ତାବିଜ ନିମ୍ନଲିଖିତ ଲିଙ୍କ୍ ପରିଦର୍ଶନ କରି ଦେଖାଯାଇପାରିବ: https://sebipaclproperties.com, https://www.bankeauctions.com
୩. ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସମ୍ବନ୍ଧିତ ବିବରଣୀ ଆର୍‌ଏଫ୍‌ପିରେ ଉପଲବ୍ଧ । ଆର୍‌ଏଫ୍‌ପି ସମ୍ବନ୍ଧିତ ପ୍ରମୁଖ ତାରିଖଗୁଡ଼ିକ ନିମ୍ନ ଅନୁଯାୟୀ ଅଟେ:–
   - ଆର୍‌ଏଫ୍‌ପି ପ୍ରକାଶନ ତାରିଖ - ୨୭ ଫେବୃଆରୀ, ୨୦୨୬
   - ବିଡ୍ ଦାଖଲର ଆରମ୍ଭ ତାରିଖ: - ୨୭ ଫେବୃଆରୀ, ୨୦୨୬
   - ବିଡ୍ ଦାଖଲ କରିବାର ଶେଷ ତାରିଖ ଓ ସମୟ - ୦୬ ଏପ୍ରିଲ, ୨୦୨୬ (୧୭.୦୦ ଘଟିକା)
   - ଇ-ନିଲାମ ଆରମ୍ଭ ତାରିଖ - ୨୧ ଏପ୍ରିଲ, ୨୦୨୬ (୧୧.୦୦ ଘଟିକା)

**ପ୍ରଯୁଜ୍ୟ ସର୍ତ୍ତାବଳୀ:**

- ଏହି ସମ୍ପତ୍ତିଗୁଡ଼ିକୁ "ଯେଉଁଠି ଅଛି, ଯେମିତି ଅଛି ଓ ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯିବ ଏବଂ ଯଦି ଏହି ସମ୍ପତ୍ତି ବାବଦରେ କୌଣସି ଦାବିଦାରୀ ରହିଥାଏ କିମ୍ବା ସେଗୁଡ଼ିକ ଉପରେ କୌଣସି ଦେୟ ବକେୟା ରହିଥାଏ ଏବଂ/କିମ୍ବା ସେଗୁଡ଼ିକ ଉପରେ କୌଣସି ଋଣଭାର (ଏନ୍‌କମ୍ବରାନ୍ସ) ରହିଥାଏ, ତେବେ ତାହା କ୍ରେତାଙ୍କର ଦାୟିତ୍ୱ ହେବ ।
- ଏହି ନୋଟିସରେ ଏବଂ ଏହି ଟେଣ୍ଡର ଦସ୍ତାବିଜ ଅଧୀନରେ ଜାରି କରାଯାଇଥିବା ଆର୍‌ଏଫ୍‌ପିରେ ସମ୍ପତ୍ତିଗୁଡ଼ିକର ଯେଉଁ ବିବରଣୀ ପ୍ରଦାନ କରାଯାଇଛି ତାହା ବିକ୍ରେତାଙ୍କୁ ଉପଲବ୍ଧ କରାଯାଇଥିବା ବିବରଣୀ ଅନୁଯାୟୀ ଅଟେ ଏବଂ ଯଦି କୌଣସି କାରଣରୁ ଉକ୍ତ ବିବରଣୀରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେଥିପାଇଁ ବିକ୍ରେତା କିମ୍ବା ଏଜେନ୍ସି କୌଣସି ଉପାୟରେ ମଧ ଦାୟୀ ରହିବେ ନାହିଁ ।
- ଯଦି ସମ୍ପତ୍ତି/ତତ୍-ସମ୍ବନ୍ଧୀୟ ସ୍ୱତ୍ୱ କବଲା (ଟାଇଟଲ୍ ଡିଡ୍)ରେ କୌଣସି ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ, ତେବେ ସେଥିପାଇଁ କମିଟି କୌଣସି ଉପାୟରେ ମଧ ଦାୟୀ ରହିବ ନାହିଁ ଏବଂ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସମ୍ପତ୍ତି ସମ୍ବନ୍ଧିତ ସ୍ୱତ୍ୱ କବଲା (ଟାଇଟଲ୍ ଡିଡ୍)ର ସତ୍ୟତା ସମ୍ପର୍କରେ ସ୍ୱାଧୀନ ଭାବେ ଯଥୋଚିତ ଅନୁସନ୍ଧାନ କରିବା ପରେ ହିଁ ନିଜର ବିଡ୍ ଦାଖଲ କରନ୍ତୁ ।

CBC 15204/11/0252/2526

## OFFICE OF THE PANCHAYAT SAMITI, BIJEPUR
AT/P.O. : BIJEPUR, DISTRICT : BARGARH-768032, ODISHA
No. 540 Date. 24.02.2026

### e-Procurement Notice
Bid Identification No.- **BDO/Bijepur/05/2025-26**

**No.19001/56/2526** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website "www.tendersodisha.gov.in"

1. Nature of work : Civil Works
2. No. of Work : 1 (One)
3. Estimated cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From Dt.02.03.2026, 11A.M. to Dt.17.03.2026, 5.00 P.M.
6. Last date/time for receipt of Bids in the portal : Dt.17.03.2026, 5.00 P.M.
7. Bids received in the online will be opened on : Dt.18.03.2026, 11 A.M.
8. Name and address of the Officer inviting Bid : Block Development Officer, Bijepur

Further details can be seen from the procurement Portal www.tendersodisha.gov.in

Sd./- Block Development Officer
Bijepur

OIPR-19001/19129/1/25-26/0001

## OFFICE OF THE NOTIFIED AREA COUNCIL, BIJEPUR
AT/PO/PS:- Bijepur, Dist.:- Bargarh (Odisha), PIN:- 768032
| 1.10 | The State Govt. and the User Agency shall ensure that overburden shall not be disposed beyond the designated road width. Muck generated from earth cuttings shall be fully utilized for filling works. Any excess muck shall be disposed strictly in accordance with a Muck Disposal Plan. No muck or debris shall be permitted to roll down hill slopes. |
| 1.11 | The State Govt. and the User Agency shall ensure that retaining walls, breast walls, and drainage structures shall be constructed at appropriate locations to ensure slope stability and prevent erosion along the alignment. |
| 1.12 | The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.13 | The State Govt. and the User Agency shall ensure that flanks of roads should be filled by transported soil and not with soil dug from the side of the roads. |
| 1.14 | The State Govt. and user agency shall ensure that the designing of new culverts/bridges and redesigning the existing ones over the natural streams/ rivers/canals should be done in such a manner that it does not hamper the natural course of water, does not give rise to water-logging, so that it does not hamper movement of wild animals including fishes & amphibians migration. |
| 1.15 | The State Govt. and user agency shall ensure that speed regulating signage will be erected along the road at regular intervals in the Protected Areas/Forest Areas. |
| 1.16 | The State Govt. shall ensure that the user agency shall provide adequate under passes in wildlife areas/wildlife crossing, if any, for the safe movement of wildlife. |
| 1.17 | The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas. |
| 1.18 | The State Govt. and user agency shall ensure that no additional or new path will be constructed inside the forest area for any activity related to the project work. |
| 1.19 | The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner. |
| 1.20 | The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency. |
| 1.21 | The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change. |
| 1.22 | The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change. |
| 1.23 | The State Govt. shall ensure that no damage to the flora and fauna of the adjoining area shall be caused. |
| 1.24 | The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area. User agency shall submit annual compliance report, duly authenticated by the concerned DFO, to this Regional Office of Ministry. |
| 1.25 | The State Govt. shall also ensure that the user agency submits annual self-monitoring report on compliance of stipulated conditions to the Nodal Officer (FCA) of the State through concerned DFO by the end of March every year regularly. |
| 1.26 | The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency. |
| 1.27 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.28 | Any other direction issued by the Ministry as a result of Hon'ble Supreme Court order will have bearing on this approval. |
| 1.29 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

२. Standard conditions

३. Specific Conditions

Copy To

1. The Chief Executive Officer, National Authority CAMPA, Ministry of Environment, Forest & Climate Change, 3rd Floor, Supreme Court Metro Station Building, New Delhi-110 001.
2. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110 003.
3. The Addl. PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
4. The Divisional Forest Division, Koraput Forest Division, Odisha.
5. The General Manager, NALCO Ltd., NALCO Bhawan, P/1, Nayapalli, Bhubaneswar-751061.
6. Guard File.

Your's faithfully
(Sujoy Dutta)
Assistant Commissioner (Forestry)

## ଦୁର୍ଘଟଣାରେ ଅଟୋଚାଳକଙ୍କ ମୃତ୍ୟୁ ଘଟଣା, ବସ୍ ଚାଳକ ଗିରଫ

ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଠାରେ ଏକ ଘରୋଇ ବସ-ଅଟୋ ମଧ୍ୟରେ ଧକ୍କା ହୋଇ ଅଟୋ ଚାଳକଙ୍କ ମୃତ୍ୟୁ ଘଟଣାରେ ପୋଲିସ ସଂପୃକ୍ତ ବସ ଚାଳକଙ୍କୁ ଗିରଫ କରିଛି । ସେ ହେଲେ ଶେରଗଡ ଗୋବିନ୍ଦପୁରର ସୁନୀଲ ଖଟୁଆ(୨୭) । ଗତ ମାସ ୨୯ ତାରିଖରେ ହରିଡାଖଣ୍ଡି ଲକ୍ଷ୍ମୀବିହାର ପ୍ରଥମ ଲାଇନର ଅଟୋ ଚାଳକ ସଞ୍ଜୟ କୁମାର ସାହୁ ନିଜ ଅଟୋରେ କିଛି ପାସେଞ୍ଜରଙ୍କୁ ଧରି ଡେଙ୍ଗାପଦର ଯାଇଥିଲେ । ଦିନ ସାଢେ ୧ଟା ବେଳେ ସେ ସମସ୍ତ ପାସେଞ୍ଜରଙ୍କୁ ଓହ୍ଲାଇ ଅଟୋ ଚାଳଇ ବ୍ରହ୍ମପୁର ଆଡକୁ ଫେରୁଥିଲେ । ଏହି ସମୟରେ ବ୍ରହ୍ମପୁରରୁ ଦିଗପହଣ୍ଡି ଆଡକୁ ଯାଉଥିବା ମା ତାରାତାରିଣୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ ସଞ୍ଜୟଙ୍କ ଅଟୋକୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଅଟୋଟି ଓଲଟି ପଡିବା ସହ ସଞ୍ଜୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ପୋଲିସ ଅଟୋ ଏବଂ ବସକୁ ଜବତ କରିଥିଲା । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଦୁର୍ଘଟଣା ପରେ ବସ ଚାଳକ ସୁନୀଲ ଫେରାର ହୋଇ ଯାଇଥିଲେ ।

## ୩୦ ୟୁନିଟ୍ ରକ୍ତ ସଂଗୃହୀତ

ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବିଜୁ ପଟ୍ଟନାୟକ ହୋମିଓପାଥିକ କଲେଜ ଏସଏସଜି ସୋସାଇଟି ପକ୍ଷରୁ କଲେଜ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବ୍ଲଡ ସେଣ୍ଟର ଓ ଏମକେସିଜି ମେଡିକାଲ କଲେଜ ସହଯୋଗରେ ଅନୁଷ୍ଠିତ ଶିବିରରେ ଏସଏସଜି ଉପଦେଷ୍ଟା ସୌମ୍ୟରଂଜନ ସାହୁ ଓ ଛାତ୍ର ସଂଘର ଏସଏସଜି ସଚିବ ପି.ଜଗଦୀଶ ପାତ୍ର ଏହାକୁ ଉଦଘାଟନ କରିଥିଲେ। ଡା. ଅବିନାଶ ରଥଙ୍କ ନେତୃତ୍ୱରେ ବ୍ଲଡ ସେଣ୍ଟରର ୬ ଜଣିଆ ଟିମ ଯୋଗଦେଇଥିଲେ। ୧୨୦ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସଭାପତି ସିଦ୍ଧାର୍ଥ ପଣ୍ଡା ଓ ସାଧାରଣ ସଚିବ ଆୟୁଷ୍ମାନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ମାର୍ଚ୍ଚ ୧୪ରେ ଜାତୀୟ ଲୋକ ଅଦାଲତ

ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲାର ବ୍ରହ୍ମପୁର ସମେତ ସମସ୍ତ ତାଲୁକ ଆଇନ ସେବା କମିଟି ସ୍ତରରେ ଆସନ୍ତା ମାସ ୧୪ ତାରିଖ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତକୁ ଜାତୀୟ ଆଇନ ସେବା ପ୍ରାଧିକରଣ(ଦିଲ୍ଲୀ) ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶାନୁସାରେ ଆୟୋଜନ କରାଯାଉଛି। ଏହି ଜାତୀୟ ଲୋକ ଅଦାଲତରେ ଦାଖଲ ହୋଇଥିବା ଓ ପ୍ରି-ଲିଟିଗେସନ ମାମଲାମାନଙ୍କୁ ସମ୍ମତିଭିତ୍ତିକ ଭାବରେ ସମାଧାନ କରାଯିବ। ବିଦ୍ୟୁତ ବିଲ, ବ୍ୟାଙ୍କ ଋଣ ଆଦାୟ, ମୋଟର ଦୁର୍ଘଟଣା ଦାବି ମାମଲା, ବିବାହିକ ବିବାଦ, ଚେକ ବାଉନ୍ସ ମାମଲା, ଶ୍ରମ ବିବାଦ, ରାଜସ୍ୱ ମାମଲା ସହିତ ବିଭିନ୍ନ ପ୍ରକାରର ସମ୍ମତିଯୋଗ୍ୟ ମାମଲାମାନଙ୍କୁ ଶୀଘ୍ର,ସହଜ ଓ ନିଶୁଳ୍କ ଭାବେ ନିଷ୍ପତ୍ତି କରାଯିବ। ଲୋକ ଅଦାଲତରେ ମାମଲା ନିଷ୍ପତ୍ତି ହେଲେ ଆପିଲ ଶୁଳ୍କ ନାହିଁ ଓ କୋର୍ଟ ଫି ଫେରସ୍ତ ପାଇବାର ବ୍ୟବସ୍ଥା ରହିଛି।

## ବାସବୀ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରମ୍ଭା,୨୬।୨(ବନବାସୀ ସେଠୀ)

ରମ୍ଭାର ଶ୍ରୀବାସବୀ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଶିଳ୍ପୀ ଶାସ୍ତ୍ରୀ, ବାସ୍ତୁ ବିଶାରଦ ଓ ମନ୍ଦିର ନିର୍ମାଣ ବିଶେଷଜ୍ଞ ଅର୍ଜିଙ୍ଗି ଜଗଦୀଶ୍ୱର ରାଓ ପାଲାସାଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଛି। ମା'ଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଦ୍ୱିତୀୟ ଦିନରେ କର୍ତ୍ତାରୂପେ ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ଉପ ସଭାପତି ଟି. ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ସମ୍ପାଦକ ଅଧ୍ୟାପକ ପି. ପ୍ରସାଦ ରାଓ ପୃଷ୍ଟି, କେ.ସୁଶାନ୍ତ ପାତ୍ର, ଟି. ବାପୁଜୀ ସୁବୁଦ୍ଧି, ଟି. ଅନିଲ ସୁବୁଦ୍ଧି, ଯୁବ ସମାଜିକ କର୍ମୀ ରାମପ୍ରସାଦ ସେନାପତି, ଟି.ଗୋପାଳ ଚନ୍ଦ୍ର ସେନାପତି ଯୋଗ ଦେଇଥିଲେ। ଆନ୍ଧ୍ରପ୍ରଦେଶ ରାଜ୍ୟର ପିଠାପୁରମ ବିଦ୍ୱାନ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠା ମହୋତ୍ସବରେ କଳସ ଯାତ୍ରା ସମେତ ଅଗ୍ନି ସଂସ୍ଥାପନ (ହୋମ), କ୍ଷୀରାଧିବାସ, ମଣ୍ଡପ ପୂଜା, ଚତୁର୍ବେଦ ସ୍ୱସ୍ତି ଓ ମଙ୍ଗଳ ଆରତୀ ସନ୍ଧ୍ୟା ସମୟରେ ଧାନାଧିବାସ, ଦେବତା ହୋମ, ଅଙ୍ଗ ସ୍ୱର୍ଶ ଓ କାଳା ହୋମ ସହ ଅନ୍ନ ଯଜ୍ଞ, ନାମ ଯଜ୍ଞଘୃତ ଯଜ୍ଞ ଏବଂ ଦ୍ୱିତୀୟ ଦିନ ଗୁରୁବାର ପୁଷ୍ପ ପ୍ରଦାନ ଓ କନ୍ୟା ପୂଜନ ହୋଇଥିବା ବେଳେ ତୃତୀୟ ଦିନ ଯନ୍ତ୍ର ପ୍ରତିଷ୍ଠାପନ, ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହେବ।

# ହଳଦିଆପଦର ଓଭର ବ୍ରିଜ୍‌କୁ ନେଇ ରାଜ୍ୟସ୍ତରୀୟ ଟିମ୍‌ର ତନାଘନା

ବ୍ରହ୍ମପୁର,୨୬।୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ଓଭରବ୍ରିଜରେ ଗତ ଜାନୁଆରୀ ୩୧ରେ ଟ୍ରକ ଧକ୍କାରେ ୫ ବାଇକ ଆରୋହୀଙ୍କ ପ୍ରାଣ ଯାଇଥିଲା। ଦୁର୍ଘଟଣାରେ ୬ଜଣ ଆହତ ହୋଇଥିଲେ। ଓଭର ବ୍ରିଜରେ ତ୍ରୁଟି ଦୁର୍ଘଟଣାର କାରଣ ବୋଲି ସ୍ଥାନୀୟ ଲୋକେ କହିବା ପରେ ଏନେଇ ବିଭିନ୍ନ ମହଲରୁ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଦୁର୍ଘଟଣା କେବଳ ରାଜ୍ୟ ନୁହେଁ ଦିଲ୍ଲୀରେ ପହଞ୍ଚିଛି। ଏ ସଂକ୍ରାନ୍ତରେ ଗତ ୨ ତାରିଖରେ ସୁପ୍ରିମକୋର୍ଟର ସଡକ ସୁରକ୍ଷା କମିଟି ରାଜ୍ୟ ସରକାରଙ୍କୁ ଦୁର୍ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ରିପୋର୍ଟରେ ଦୁର୍ଘଟଣାର କାରଣ, ଦାୟିତ୍ୱ ନିର୍ଦ୍ଧାରଣ ଏବଂ ସମାନ ଘଟଣାର ପୁନରାବୃତ୍ତି ରୋକିବା ପାଇଁ କେଉଁ କେଉଁ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସ୍ପଷ୍ଟ ରୂପରେଖ ଦେବାକୁ କୁହାଯାଇଛି। ବିଶେଷ କରି ଦ୍ରୁତ ଗତିରେ ଗାଡି ଚାଳନା,ଭୁଲ ପାର୍ଶ୍ୱରେ ଗାଡ଼ି ଚାଳନା ଏବଂ ଟ୍ରାଫିକ ନିୟମର ଦୁର୍ବଳ କାର୍ଯ୍ୟକାରିତା ଉପରେ ଲକ୍ଷ୍ୟ ରଖି ସଂଶୋଧନାତ୍ମକ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ କମିଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଇତି ମଧ୍ୟରେ ବ୍ରହ୍ମପୁର ପୋଲିସ ପକ୍ଷରୁ କ'ଣ କ'ଣ ପଦକ୍ଷେପ ନିଆଯାଇଛି ତା' ଉପରେ ବି ଏକ ବିସ୍ତୃତ ରିପୋର୍ଟ ଦେବା ପାଇଁ କୁହାଯାଇଛି। ବର୍ତ୍ତମାନ ଦୁର୍ଘଟଣାକୁ



ରାଜ୍ୟସ୍ତରୀୟ ଟେକନିକାଲ ଟିମ ପକ୍ଷରୁ ବ୍ରିଜର ଅନୁଧ୍ୟାନ ଚାଲିଛି।

ଗୁରୁବାର ୨୭ ଦିନ ବିତିଛି। ସବୁଠୁ ବଡ କଥା ହେଲା ପୂର୍ତ୍ତ ବିଭାଗ-୨ ଅଧୀନରେ ଏହି ବ୍ରିଜ ନିର୍ମାଣ ହୋଇଥିବାବେଳେ ବିଭାଗ ନିଜ ଭୁଲକୁ ଅସ୍ୱୀକାର କରି ଇଣ୍ଡିଆନ ରୋଡ କଂଗ୍ରେସ ପକ୍ଷରୁ ଯାହା ପ୍ଲାନ ଥିଲା ସେହି ଅନୁସାରେ ବ୍ରିଜ ନିର୍ମାଣ ହୋଇଛି ବୋଲି କହିଛି। ସେହି ସମୟରେ ପ୍ଲାନ ଓ ଡିଜାଇନରେ କ'ଣ ଭୁଲ ଥିଲା ସେ ସମ୍ପର୍କରେ ବିଭାଗ ପରାମର୍ଶ ଦେଇଛି କି ନାହିଁ ତାହାର ଉତ୍ତର ବିଭାଗ ପାଖରେ ହିଁ ଥିବ। ସେ ସମ୍ପର୍କରେ ବିଭାଗ ନିକଟରୁ କୌଣସି ଉତ୍ତର ମିଳୁନି। ଗତ ୫ ତାରିଖ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଓଭରବ୍ରିଜ ତ୍ରୁଟିପୂର୍ଣ୍ଣ ବୋଲି ଅଭିଯୋଗ କରି ପୂର୍ତ୍ତ ବିଭାଗ-୨ର ତତ୍କାଳୀନ ଯନ୍ତ୍ରୀଙ୍କୁ ଦୁର୍ଘଟଣା ପାଇଁ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗୋସାଇଁନୂଆଗାଁ ଥାନାରେ ଏକ ଅଭିଯୋଗ କରାଯାଇଥିଲା। ଏତେ ତୁମ୍ବି ତୋଫାନ ହେବା ପରେ ଗତ ୧୬ ତାରିଖରେ ଘଟଣାର ଅନୁଧ୍ୟାନ କରିବା ପାଇଁ ରାଜ୍ୟସ୍ତରୀୟ ଟେକ୍ନିକାଲ ଟିମ ଆସିବାର ଥିଲା। କୌଣସି କାରଣରୁ ତାହା ହୋଇପାରିନଥିଲା। ଗୁରୁବାର ଉକ୍ତ ଟିମ ଆସି ଘଟଣାର ତନାଘନା କରିଛନ୍ତି। ଉକ୍ତ ଟିମରେ ପ୍ଲାନିଂ, ଇନଭେଷ୍ଟିଗେସନ ଆଣ୍ଡ ପ୍ରୋକ୍ୟୁରମେଣ୍ଟ ବିଭାଗର ମୁଖ୍ୟ ଯନ୍ତ୍ରୀ ହୀରାଲାଲ ଅଗ୍ରୱାଲ, ବ୍ରିଜ ନିର୍ମାଣ ମୁଖ୍ୟ ଅରବିନ୍ଦ ତ୍ରିପାଠି, ଡିଜାଇନର ମୁଖ୍ୟ ଇଂଜିନିୟର ମାନସ ରଂଜନ ବେହେରା, ରିସର୍ଚ୍ଚ ଡେଭଲପମେଣ୍ଟର ଜ୍ୟୋତି ରଂଜନ ସତପାଥୀ ଓ ଏଡିଏଲ ଚିଫ ଇଂଜିନିୟର ଦାମୋଦର କୈବର୍ତ୍ତ, ବିଭାଗୀୟ ମୁଖ୍ୟ ଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅକ୍ଷୟ ସାହୁ, ପୂର୍ତ୍ତ ବିଭାଗ-୨ର ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ୍ତ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ କାହ୍ନୁଚରଣ ରଥ ପ୍ରମୁଖ ପରିଦର୍ଶନ କରିଥିଲେ। ବ୍ରିଜର ଲମ୍ବ ପ୍ରାୟ ୧ କିମି ଥିବାବେଳେ ଏହାର ନିର୍ମାଣ ଶୈଳୀରେ କ'ଣ ତ୍ରୁଟି ରହିଛି ସେସମ୍ପର୍କରେ ପୁଣି ସର୍ଭେ କରାଯାଇ ରିପୋର୍ଟ ଦିଆଯିବ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ମୁଖ୍ୟ ଯନ୍ତ୍ରୀ ପ୍ଲାନିଂର ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଲେ ଯେ, ଆଜି କେବଳ ଅନୁଧ୍ୟାନ କରାଗଲା। ବ୍ରିଜର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ କେବଳ ମପା ଯାଇଛି। ଓସାର ସବୁଠି ୭.୫ ମିଟର ରହିଛି। ଅନୁଧ୍ୟାନ ଚାଲିଛି। ବର୍ତ୍ତମାନ ସମସ୍ୟା କ'ଣ ବୋଲି ପଚାରିବାରୁ ସେ କହିଲେ ଯେ, ବ୍ରିଜର ଆରମୁଣ୍ଡରେ ଅର୍ଥାତ ଏନ.ଏଚ-୧୬ ପଟକୁ ଭୁଲ ଥିବା ଭଳି ଅନୁମାନ କରାଯାଉଛି, ତାହାର ପ୍ରତିକାର କ'ଣ କରାଯାଇପାରିବ ସେଥିନେଇ ଉଦ୍ୟମ କରାଯିବ। ରେଲୱେ ଓଭର ବ୍ରିଜର ସେଭଳି କିଛି ସମସ୍ୟା ନାହିଁ କିନ୍ତୁ ତାହା ଜାତୀୟ ରାଜପଥକୁ ସଂଯୋଗ ହୋଇପାରିବ। ସେଥିପାଇଁ ଯାହା ରହିବା କଥା ହୋଇଛି କି ନାହିଁ ତାହାକୁ ଅନୁଧ୍ୟାନ କରାଯିବ। ଅନୁଧ୍ୟାନର ପ୍ରତ୍ୟେକ ପର୍ଯ୍ୟାୟକୁ ନେଇ ତୁଳନା କରାଯିବ, ଜିଏଡିରେ ଯାହା ଥିଲା ସେହି ଅନୁସାରେ ହୋଇଛି କି ନାହିଁ ତାକୁ ବି ତର୍ଜମା କରାଯିବ। ୨୦୦୭-୦୮ରେ ବ୍ରିଜ ନିର୍ମାଣ ସମୟରେ ଟ୍ରାଫିକ ସମସ୍ୟା ଯାହା ଥିଲା ଏବେ ବହୁତ ବଢ଼ିଯାଇଛି। ଟ୍ରାଫିକ ସର୍ଭେ କରିବାକୁ ପଡିବ। ଏହାର ରିପୋର୍ଟ ସହ ପ୍ରତିକାର କ'ଣ କରାଯିବ ତା' ଉପରେ ସମସ୍ତ ତଥ୍ୟ ସରକାରଙ୍କୁ ଦିଆଯିବ ବୋଲି ସେ କହିଥିଲେ। ଏ ନେଇ ପୂର୍ତ୍ତ ବିଭାଗ-୨ର ଅଧୀକ୍ଷଣ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ଯୋଗାଯୋଗ ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ବି ସେ ଫୋନ ଉଠାଇ ନଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମ ନଗର ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଶ୍ରୀୟା ସାହୁ ଗତ ୨୧ ତାରିଖରେ ଘର ଭିତରେ ଆତ୍ମହତ୍ୟା କରିଥିଲେ। ପରୀକ୍ଷା ହଲରେ କାର୍ଯ୍ୟରତ ଜଣେ ଶିକ୍ଷକ ଉକ୍ତ ଛାତ୍ରୀଙ୍କ ଉପରେ ବିଭିନ୍ନ କଥା କହି ମାନସିକ ଚାପ ଦେବାରୁ ସେ ଆତ୍ମହତ୍ୟା କରିଥିଲେ । ଏନେଇ ମୃତ ଛାତ୍ରୀଙ୍କ ପରିବାର ଲୋକ ଆଇନଜୀବୀ ପ୍ରଦୀପ କୁମାର ବେହେରାଙ୍କ ସହ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ.ଙ୍କୁ ଭେଟି ଅଭିଯୋଗ କରିଥିଲେ। ଏସପି କହିଛନ୍ତି ଯେ, ଗୁରୁବାର ମୃତ ଛାତ୍ରୀଙ୍କ ପରିବାର ଅଭିଯୋଗ କରିବାକୁ ଆସିଥିଲେ। ବଡ ବଜାର ପୋଲିସ ଏହି ଘଟଣାରେ ନଂ. ୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ପାଇଁ ଜଣେ ଡ଼ିଏସପିଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତରେ ଯଦି କୌଣସି ଶିକ୍ଷକଙ୍କ ତ୍ରୁଟି ଥିବା ଜଣାପଡିବ ତେବେ ଉକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀୟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ଉକ୍ତ ସ୍କୁଲର ପରୀକ୍ଷା କେନ୍ଦ୍ର ଥିଲା ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ । ଶନିବାର ଇଂରାଜି ପରୀକ୍ଷା ଥିଲା। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ରାତିରେ ପରିବାର ଲୋକେ ଖାଇବାକୁ ଡାକିଥିଲେ, କିନ୍ତୁ ଶ୍ରୀୟାଙ୍କ କୌଣସି ଉତ୍ତର ନମିଳିବାରୁ ପରିବାର ଲୋକେ କବାଟ ଖୋଲି ଭିତରକୁ ଯାଇଥିଲେ। ସେ ଝୁଲୁଥିବା ଦେଖି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।

# ଆଇନ ଉଲ୍ଲଂଘନ କଲେ ଡିଜେ ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ




**ବିବାହ ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣ**

ବ୍ରହ୍ମପୁର, ୨୬।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଏଣିକି ବିବାହ ଶୋଭାଯାତ୍ରାରେ ଉଚ୍ଚ ଶବ୍ଦ କରୁଥିବା ଡିଜେ ଗାଡ଼ି ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ। ଆୟୋଜକ ଓ ଡିଜେ ମାଲିକ ନିୟମ ଖିଲାପ କଲେ ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ବ୍ରହ୍ମପୁର ନାଗରିକଙ୍କ ଠାରୁ ବହୁ ଅଭିଯୋଗ ଆସିବା ପରେ ପୋଲିସ ବିବାହ ଶୋଭାଯାତ୍ରାରେ ଡିଜେ ଗାଡ଼ି ଓ ଅନ୍ୟାନ୍ୟ ଅନଧିକୃତ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛି। ଡିଜେର ଉଚ୍ଚ ଶବ୍ଦ ଯୋଗୁଁ ଲୋକଙ୍କୁ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ହୋଇଥାଏ। ଏହା ଶବ୍ଦ ପ୍ରଦୂଷଣର ଏକ ପ୍ରମୁଖ କାରଣ । ରକ୍ତଚାପ ବଢ଼ାଇ ହାର୍ଟ ଆଟାକ,ଷ୍ଟ୍ରୋକ ଓ ହୃଦରୋଗର ଆଶଙ୍କା ବଢ଼ାଏ। ପୂର୍ବରୁ ହୃଦରୋଗ ଥିବା ଲୋକଙ୍କୁ ଏହା ଜୀବନ ବିପନ୍ନ କରିପାରେ। ଅତ୍ୟଧିକ ଧ୍ୱନି ରକ୍ତଚାପ ହଠାତ୍ ବଢ଼ାଇ ବ୍ରେନ ରକ୍ତନଳୀ ଫାଟିଯାଇପାରେ। ଗର୍ଭବତୀ ମହିଳାଙ୍କୁ ଡିଜେ ଧ୍ୱନି ଦୀର୍ଘ ସମୟ ପାଇଁ ପ୍ରଭାବିତ କଲେ ଶିଶୁ ବଧିର ହେବାର ଆଶଙ୍କା ରହିଥାଏ। ବିଶେଷକରି ବୟସ୍କ , ଗର୍ଭବତୀ ମହିଳା ଓ ଶିଶୁମାନେ ହଇରାଣ ହେଉଥିବା ଅଭିଯୋଗ ଆସିଛି। ବିବାହ ଶୋଭାଯାତ୍ରାରେ ଉଜ୍ଜ୍ୱଳ ଆଲୋକ ଓ ଉଚ୍ଚ ଶବ୍ଦ ପ୍ରଦୂଷଣ ଡିଜେ ଗାଡ଼ି ଯାହା ଅନଧିକୃତ ଭାବେ ଡିଜାଇନ ବଦଳାଇ ଗୁରୁତର ଟ୍ରାଫିକ ଜାମ ଓ ଶବ୍ଦ ପ୍ରଦୂଷଣ ହେଉଛି । ଆବାସିକ ଅଞ୍ଚଳରେ ଅନୁମୋଦିତ ଶବ୍ଦ ସ୍ତର ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ୫୫ ଡେସିବଲ (ଡିବି) ରହିବ। ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ କୋର୍ଟ ଆଖପାଖ ୧୦୦ ମିଟର ମଧ୍ୟରେ ଥିବା ଅଞ୍ଚଳକୁ ସାଇଲେନ୍ସ ଜୋନ ଭାବେ ଚିହ୍ନଟ କରାଯାଇଛି। ଏହି ନିୟମ ଉଲ୍ଲଙ୍ଘନ କଲେ ଡିଜେ ଗାଡ଼ି ଚାଳକ ଓ ଶୋଭାଯାତ୍ରା ଆୟୋଜକଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ରହ୍ମପୁର ପୋଲିସ ଆରଟିଓ ଅଫିସ ସହଯୋଗରେ ଶବ୍ଦ ପ୍ରଦୂଷଣ ଓ ଅବୈଧ ଶୋଭାଯାତ୍ରା ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସ୍ଥିର ହୋଇଛି। ପୋଲିସ ଅନୁମତି ବିନା ରୁଟ ଓ ସମୟ ନିର୍ଦ୍ଧାରଣ କରି ଶୋଭାଯାତ୍ରା କଲେ ଫୌଜଦାରୀ ମାମଲା ରୁଜୁ ହେବ ଏବଂ ଡିଜେ ଗାଡ଼ି ଜବତ କରାଯିବ। ସମସ୍ତଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ନାବାଳିକାଙ୍କୁ ଦୁର୍ବ୍ୟବହାର, ହତ୍ୟା ଉଦ୍ୟମ: ଯୁବକ ଗିରଫ

ଗୋପାଳପୁର,୨୬।୨(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁର୍ବ୍ୟବହାର କରିବା ସହ ହତ୍ୟା ଉଦ୍ୟମ ମାମଲାରେ ଗୁରୁବାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗୋବିନ୍ଦ ନାୟକ (୨୨)। ଏନେଇ ଥାନାଧିକାରୀ ସତ୍ୟ ରଞ୍ଜନ ଲେଙ୍କା ସୂଚନା ଦେଇଛି। ସୂଚନାନୁସାରେ, ଏହି ଥାନା ଅଧିନସ୍ଥ ଏକ ଗ୍ରାମରେ ବୁଧବାର ରାତିରେ ନାବାଳିକା ଯୁକ୍ତ ଦୁଇ ଛାତ୍ରୀ ଜଣକ କମାପଲ୍ଲୀରୁ ଟ୍ୟୁଶନ ସାରି ସାଇକେଲରେ ଫେରୁଥିବା ବେଳେ ରାସ୍ତାରେ ଏକୁଟିଆ ଦେଖି ଗୋବିନ୍ଦ ନାବାଳିକାର ପିଛା କରିଥଲା। ପରେ ନାବାଳିକାକୁ ଦୁର୍ବ୍ୟବହାର କରିଥିଲା। ବେକ ଚିପି ଦେବା ପାଇଁ ଉଦ୍ୟମ କରୁଥିବା ସମୟ ସେଠାରୁ ଛାତ୍ରୀଜଣଙ୍କ ଦୌଡ଼ି ଘରେ ପହଞ୍ଚି ଥିଲେ। ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିବା ପରେ ନାବାଳିକା ଜଣକ ଗୋପାଳପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ଥାନା କେଶ୍ ନଂ. ୧୦୪/୨୬ ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଛାତ୍ରୀଙ୍କୁ ପୋଲିସ ପଚରାଉଚରା କରିବା ସହ ଗୋବିନ୍ଦକୁ ଗୁରୁବାର ଗ୍ରାମରୁ ଉଠେଇ ନେଇଥିଲା। ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

## ଟିପିଏସ୍‌ଓଡିଏଲ୍‌ର ଜୟପୁରଠାରେ ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ

ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ଟିପିଏସଓଡିଏଲ କୋରାପୁଟ ଜିଲାର ଜୟପୁର ଠାରେ ହ୍ୟାଣ୍ଡସ-ଅନ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ଉଦଘାଟନ କରିଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ଏହାକୁ ଉଦଘାଟନ କରିଥିଲେ। ଟିପିଏସଓଡିଏଲର ସୁରକ୍ଷା ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଟିଏସଏସଡିଆଇ) ଅଧୀନରେ ପ୍ରତିଷ୍ଠିତ ଏଚଓଟିଟି କେନ୍ଦ୍ର କମ୍ପାନୀର ମିଶନ ଜିରୋ ହାର୍ମ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଥିରେ ଶ୍ରେଣୀଗୃହ ଶିକ୍ଷା ଏବଂ ବ୍ୟବହାରିକ ଜ୍ଞାନକୌଶଳ ବାବଦରେ ବ୍ୟବସ୍ଥା ରଖାଯାଇଛି । ଏନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗର୍ଗ କହିଲେ ଯେ, ସୁରକ୍ଷା ଏବଂ ଦକ୍ଷତା ହେଉଛି ଟିପିଏସଓଡିଏଲର କାର୍ଯ୍ୟଧାରାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜୟପୁର ଏଚଓଟିଟି କେନ୍ଦ୍ର ଆମର କାର୍ଯ୍ୟଶକ୍ତିରେ ଏକ ରଣନୀତିକ ନିବେଶକୁ ପ୍ରତିନିଧିତ୍ୱ କରେ । ଏ ଦିଗରେ ଜୟପୁରଠାରେ ଏଚଓଟିଟି କେନ୍ଦ୍ର ସ୍ଥାପନ ଟିପିଏସଓଡିଏଲର ଦୃଢ ତାଲିମ ଇକୋସିଷ୍ଟମକୁ ଆହୁରି ବିସ୍ତାର କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ । ଉଦଘାଟନୀରେ ଟିପିଏସଓଡିଏଲର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ପ୍ରେମିକାଙ୍କୁ ପ୍ରତାରଣା ଅଭିଯୋଗ, ପ୍ରେମିକ ଗିରଫ

ବୁଗୁଡ଼ା,୨୬।୨(କାଳିଚରଣ ଦାଶ)

ଅପହରଣର ବର୍ଷକ ପରେ ପ୍ରେମିକାଙ୍କୁ ପ୍ରତାରଣା କରି ଛାଡ଼ିବା ଅଭିଯୋଗରେ ବୁଗୁଡ଼ା ପୋଲିସ ଗୁରୁବାର ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଚିନ୍ମୟ ଦଳେଇ(୨୨)। ଅଭିଯୋଗ ଅନୁସାରେ ଚିନ୍ମୟ ବୁଗୁଡ଼ା ଥାନା ଅଞ୍ଚଳର ଏକ ନାବାଳିକାଙ୍କୁ ୨୦୨୪ ଡିସେମ୍ବର ୨୪ରେ ଅପହରଣ କରିନେଇ ସୁରଟ ଚାଲି ଯାଇଥିଲେ। ଉଭୟେ ସେଠାରେ ସ୍ୱାମୀ ସ୍ତ୍ରୀ ଭାବେ ଚଳୁଥିଲେ। ତେବେ କିଛି ମାସ ହେଲା କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ଗାଁକୁ ଯିବାର ବାହାନା କରି ଜାନୁଆରୀ ମାସରେ ଚିନ୍ମୟ ଯୁବତୀଙ୍କୁ ନେଇ ଟ୍ରେନ୍ ଯୋଗେ ଭୁବନେଶ୍ୱର ଫେରିଥିଲା। ସେଠାରୁ ବସ୍ ଯୋଗେ ଗାଁକୁ ଆସିବା ପାଇଁ ସେମାନେ ବରମୁଣ୍ଡା ବସଷ୍ଟାଣ୍ଡକୁ ଆସିଥିଲେ। ହେଲେ ସେଠାରେ ପ୍ରେମିକାଙ୍କୁ ଏକା ଛାଡ଼ି ଚିନ୍ମୟ ଫେରାର ହୋଇଯାଇଥିଲା। ବହୁ ସମୟ ଅପେକ୍ଷା କରିବା ପରେ ଚିନ୍ମୟ ନ ଆସିବାରୁ ଯୁବତୀ ଜଣଙ୍କ ଭୁବନେଶ୍ୱରରେ ରହୁଥିବା ତାଙ୍କ ସମ୍ପର୍କୀୟ ମାଉସୀ ଘରକୁ ଯାଇ ସେଠାରେ ଆଶ୍ରୟ ନେଇଥିଲେ। ବୁଧବାର ଦିନ ମାଉସୀଙ୍କ ସହ ବୁଗୁଡ଼ା ଥାନାରେ ପହଞ୍ଚି ଏତଲା ଦେବା ପରେ ପୋଲିସ ୮୯/୨୬ରେ ଏକ ମାମଲା ରୁଜୁ କରିବା ସହ ଗୁରୁବାର ଦିନ ଚିନ୍ମୟକୁ ବେତାରସିଂ ସ୍ଥିତ ଘରୁ ଗିରଫ କରିଥିଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ପ୍ରସ୍ତୁତି




କୁଳପତିଙ୍କ ସହ ଅନ୍ୟମାନେ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ଜାତୀୟ ସେବା ଯୋଜନା ଏବଂ ମାଇ ଭାରତ ଗଞ୍ଜାମ ଓ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ମିଳିତ ଉଦ୍ୟମରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଜିଲାରୁ ୨ ଶହ ପ୍ରତିଯୋଗି ଭାଗ ନେବେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ପରିଚାଳନାରେ ଜାତୀୟ ସେବା ଯୋଜନା ପିଜି ୟୁନିଟର ଅଧିନରେ ଥିବା ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ କରାଯିବ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାଇଯୋଗୀତା କାର୍ଯ୍ୟକ୍ରମ ରହିଛି। କୃତୀ ପ୍ରତିଯୋଗୀ ମାନେ ରାଜ୍ୟସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗ ଦେବେ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାଉ ଥିବା ପ୍ରତିଯୋଗି ମାନେ ଶୁକ୍ରବାର ପର୍ଯ୍ୟନ୍ତ ମାଇ ଭାରତ ପୋର୍ଟାଲରେ ୧୮ ରୁ ୨୫ ବୟସ ମଧ୍ୟରେ ପଞ୍ଜିକୃତ କରିପାରିବେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡ. ଶଙ୍କର୍ଷଣ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରୁଛନ୍ତି। ଏ ନେଇ ଆଜି କୁଳପତିଙ୍କ କକ୍ଷରେ ପୋଷ୍ଟର ଉନ୍ମୋଚନ ହୋଇଥିଲା ।

# ସନ୍ଧାନୀ କୁକୁର ସାଜିଛି ପୋଲିସର ବଳ

**ଅପରାଧୀଙ୍କୁ ଧରୁଛି, ବିସ୍ଫୋରକ, ମାଟି ତଳୁ ମୃତଦେହ ଠାବ କରିପାରୁଛି**

ବ୍ରହ୍ମପୁର, ୨୬।୨(ସୁବାସ ଚନ୍ଦ୍ର ପାଢ଼ୀ):

ସନ୍ଧାନୀ କୁକୁର ପୋଲିସର ଏବେ ବଳ ସାଜିଛି। ହେଲେ କୁକୁର ଯାହା କରି ପାରୁଛି ପୋଲିସ ତାହା କରିନପାରିବା ଦୁର୍ଭାଗ୍ୟଜନକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଅପରାଧ, ବିସ୍ଫୋରକ ପଦାର୍ଥ, ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ଓ ଅନ୍ୟାନ୍ୟ ଗୁପ୍ତ କାର୍ଯ୍ୟରେ ପୋଲିସ କୁକୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା କ୍ରାଇମ ବ୍ରାଞ୍ଚର କେ-୯ ସ୍କ୍ୱାର୍ଡରେ ଜର୍ମାନ ଶେଫର୍ଡ, ବେଲଜିଆନ ମାଲିନୋଇଜ ଭଳି ବିଦେଶୀ କୁକୁର ରହିଛି। ବର୍ତ୍ତମାନ ସ୍ୱଦେଶୀ ଜାତିର ମୁଧୋଲ ହାଉଣ୍ଡ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ମୁଧୋଲ ହାଉଣ୍ଡ ଗୁଡ଼ିକର ଗନ୍ଧ ଶକ୍ତି ମଣିଷ ଅପେକ୍ଷା ୧୦,୦୦୦ ଗୁଣ ଅଧିକ। ପ୍ରଶିକ୍ଷଣ ପ୍ରକ୍ରିୟା ବହୁତ କଠିନ ଓ ଦୀର୍ଘ କାଳୀନ । କୁକୁର ମାନଙ୍କୁ ଆଜ୍ଞା ପାଳନ, ଅପରାଧୀଙ୍କୁ ଧରିବା, ଗନ୍ଧ ଅନୁସରଣ କରି ଟ୍ରାକିଂ, ବିସ୍ଫୋରକ ଓ ମାଦକ ଦ୍ରବ୍ୟ ଖୋଜିବା ଆଦିରେ ପ୍ରଶିକ୍ଷିତ କରାଯାଏ। ହ୍ୟାଣ୍ଡଲର୍ ବା କୁକୁର ପରିଚାଳକ ମାନେ ମଧ୍ୟ ବିଶେଷ ତାଲିମ ନେଇଥାଆନ୍ତି। ଓଡ଼ିଶା ଫାୟାର ସର୍ଭିସ ମଧ୍ୟ ଦେଶରେ



ସନ୍ଧାନୀ କୁକୁର ସହ ପୋଲିସ କର୍ମଚାରୀମାନେ।

ପ୍ରଥମ ରାଜ୍ୟ ଭାବେ କେ-୯ ସ୍କ୍ୱାଡ ଗଠନ କରିଛି, ଯାହା ଉଦ୍ଧାର ଓ ଖୋଜିବା କାର୍ଯ୍ୟରେ ସାହାଯ୍ୟ କରୁଛି। ଯେଉଁଠି ପୋଲିସ ଅପରାଧୀଙ୍କ ପିଛା କରିପାରୁନି କିମ୍ବା ବ୍ରାଉନ ସୁଗାର ଓ ଗଞ୍ଜେଇ ଖୋଜି ପାରୁନି ସେଠି ଉତ୍କର୍ଷ ଦେଖାଉଛନ୍ତି ଷ୍ଟର୍ମ, ଓଲା, ଅକ୍ସି, ଲୋଡି, ନିଫ୍ଟ। ଆଖି ପିଛୁଳାକେ ଅପରାଧୀଙ୍କୁ କାବୁ କରୁଛନ୍ତି। ମାଟି ତଳେ ଦବି ରହିଯାଇଥିବା ମୃତଦେହକୁ ଠାବ ସହ ସନ୍ଦିଗ୍ଧ ସାମଗ୍ରୀ ଚିହ୍ନଟ କରୁଛନ୍ତି। ଯେ କୌଣସି ବଡ କାର୍ଯ୍ୟକ୍ରମରେ ଏମାନଙ୍କ ସହାୟତା ରହୁଛି। ବ୍ରହ୍ମପୁର ପୋଲିସ ଜିଲାରେ ଏବେ ୨ଟି କୁକୁର କାର୍ଯ୍ୟରତ ଅଛନ୍ତି। ଗୋଟିଏ ପ୍ରିନ୍ସ ଓ ଅନ୍ୟଟି ଷ୍ଟର୍ମ। ପ୍ରିନ୍ସ ଚୋରି ଡକାୟତି ହତ୍ୟା ମାମଲାରେ କାର୍ଯ୍ୟରତ ଥିବାବେଳେ ଷ୍ଟର୍ମ ଭୂସ୍ଖଳନ ବେଳେ ମାଟି ତଳେ ଚାପି ରହିଥିବା ମୃତଦେହ ଠାବ କରିବାରେ କାର୍ଯ୍ୟରତ ଅଛି। ରାଜ୍ୟସ୍ତରୀୟ ପରେଡ କିମ୍ବା ମୁଖ୍ୟମନ୍ତ୍ରୀ, ନେତାମାନଙ୍କ ସୁରକ୍ଷା ଓ ଅନ୍ୟ ସମ୍ବେଦନଶୀଳ ଜାଗାରେ ଏମାନଙ୍କ ଆବଶ୍ୟକତା ବେଶି। ୨୦୨୦ ଜୁଲାଇରୁ ବ୍ରହ୍ମପୁର ପୋଲିସ ଜିଲାରେ ଷ୍ଟର୍ମ କାର୍ଯ୍ୟରତ ଅଛି। ତା' ପୂର୍ବରୁ ପ୍ରିନ୍ସ ବି ଏଠାରେ କାର୍ଯ୍ୟରତ ରହିଛି। ପ୍ରଥମ ଥର ପାଇଁ ଏଭଳି ଉଚ୍ଚମାନର ବ୍ରିଡକୁ ପୋଲିସ ବିଭାଗ ଆପଣେଇଛି। ୩ ମାସର ଛୁଆ ଥିବାବେଳେ କର୍ଣାଟକସ୍ଥିତ ସ୍ୱାନ ଗବେଷଣା ଓ ସୂଚନା କେନ୍ଦ୍ର(ସିଆରଆଇସି)ରୁ ଏମାନଙ୍କୁ ଅଣାଯାଇଛି। ଏମାନଙ୍କ ବିଶେଷତ୍ୱ ହେଲା ତୀକ୍ଷ୍ଣ ନଜର ରଖିବା, କ୍ଷୀପ୍ର ଗତିରେ ଧାଇଁବା। ଏମାନେ ହରିଆନା ପଞ୍ଚକୁଲାସ୍ଥିତ ଜାତୀୟ ସ୍ୱାନ ତାଲିମ କେନ୍ଦ୍ର(ଏନଟିସିଡି)ରେ ଇଣ୍ଡୋ - ତିବ୍ବତୀୟ ସୀମା ସୁରକ୍ଷା (ଆଇଟିବିପି)ରେ ୯ ମାସିଆ ତାଲିମ ନେଉଛନ୍ତି। ଅପରାଧୀଙ୍କୁ ଖୋଜିବା ସହ ସନ୍ଦୀଗ୍ଧ ସାମଗ୍ରୀ, ମୃତଦେହକୁ ଉଦ୍ଧାର କରିବା କୌଶଳ ଶିଖୁଛନ୍ତି। ୱାୟନାଡ ଭୂସ୍ଖଳନରେ ଷ୍ଟର୍ମର ଯାଇଥିଲା। ତାହା ସହ ୫ଜଣିଆ ଦଳ ବି ସେଠାକୁ ଯାଇଥିଲେ। ସେଠାରେ ୧୫ଦିନ ରହି ଧ୍ୱଂସାବଶେଷ ତଳୁ ପ୍ରାୟ ୧୫ଟି ମୃତଦେହ ଠାବ କରିଥିବା ପ୍ରଶିକ୍ଷକ ପ୍ରହ୍ଲାଦ ନାୟକ କହିଛନ୍ତି। ଷ୍ଟର୍ମର ଏହି ସବୁ କାର୍ଯ୍ୟ ପାଇଁ ବ୍ରହ୍ମପୁର ପୋଲିସ ଜାତୀୟ ସ୍ତରରେ ବେଶ୍ ପ୍ରଶଂସିତ ହୋଇଥିଲା।

# ଗିରଫ ଖଣି ଉପନିର୍ଦ୍ଦେଶକଙ୍କ କଳାଚିଠା ମାଗିଲା ଇଡି

## ସମ୍ପତ୍ତି ମୂଲ୍ୟ ୧୦ କୋଟି ଟପିଲାଣି

ଭୁବନେଶ୍ୱର, ୨୬।୨ (ତ୍ରିନାଥ ମହାନ୍ତି)

ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା କୁବେର ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ସମ୍ପତ୍ତି ମୂଲ୍ୟ ୧୦ କୋଟି ଟପିଲାଣି। ବାବୁ ଜଣକ ନିଜ ଘରେ ଓ ଅଫିସ୍‌ରେ ୪ କୋଟି ୨୮ଲକ୍ଷ ୩୩ ହଜାର ୬୦୦ ଟଙ୍କା ଖଣି କରି ରଖିଥିଲେ। ଏଥିସହ ତାଙ୍କ ଘରୁ ୩୦୫.୪୦ ଗ୍ରାମ୍ ସୁନା ଓ ୬୦୦ ଗ୍ରାମ୍‌ର ରୁପା ଅଳଙ୍କାର ଜବତ କରିଥିଲା ଭିଜିଲାନ୍ସ ଟିମ୍। ସେହିପରି ପାହାଲରେ ତାଙ୍କ ନାମରେ ୨୪୦୦ ବର୍ଗଫୁଟର ଦୁଇମହଲା କୋଠା, ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟାଙ୍କ୍ ଓ ଇନ୍ସୁରାନ୍ସ ଜମା ରହିଥିବାବେଳେ ତାଙ୍କ ପୂରା ସମ୍ପତ୍ତିର ଖୋଳତାଡ଼ କରୁଛି ଭିଜିଲାନ୍ସ। ଏଥିସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ବାବୁଙ୍କ କଳାଧନ ଖୋଜିବା ଆରମ୍ଭ କରିଛି। ଗୁରୁବାର ଇଡ଼ି ଏ ସମ୍ପର୍କରେ ଭିଜିଲାନ୍ସକୁ ତଥ୍ୟ ମାଗିଛି। ଦେବବ୍ରତ ଏତେ ଟଙ୍କା କେଉଁ ଉପାୟରେ ସଂଗ୍ରହ କଲେ, ତାଙ୍କ ଆକାଉଣ୍ଟ ଓ ପରିବାର ଆକାଉଣ୍ଟରେ କେତେ ଟଙ୍କା ଜମା ରହିଛି ସେନେଇ ଛାନ୍‌ଭିନ କରୁଛି ଇଡ଼ି। ଏଥିସହ ଆୟକର ବିଭାଗ ମଧ୍ୟ ଭିଜିଲାନ୍ସ ଅଫିସ୍‌କୁ ଯାଇ ଛାନ୍‌ଭିନ୍ କରିବା ସହ ଦେବବ୍ରତଙ୍କ ସମ୍ପତ୍ତି ତଥ୍ୟ ଓ ସୋର୍ସ ମାଗିଛି। ତେଣୁ କଳାଧନର ଗୁମର ପାଇବାକୁ ଖଣି ଅଧିକାରୀ ଦେବବ୍ରତଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଗୁରୁବାର ଭିଜିଲାନ୍ସ ଆବେଦନ କରିଥିବା ଜଣାପଡ଼ିଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚ ନେବା ଅଭିଯୋଗରେ ବୁଧବାର କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଜଣେ ଲାଇସେନ୍ସପ୍ରାପ୍ତ କୋଇଲା ବେପାରୀଙ୍କଠାରୁ ମଙ୍ଗଳବାର ରାତିରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ସେ ରହୁଥିବା ଭୁବନେଶ୍ୱରର ପଟିଆ ଶ୍ରୀବିହାରସ୍ଥିତ ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟର ୩୦୨ ନମ୍ବର ଫ୍ଲାଟ ସହିତ ଭଦ୍ରକ ମଠସାହିସ୍ଥିତ ପୈତୃକ ବାସଭବନ ଓ କଟକସ୍ଥିତ ତାଙ୍କ ଅଫିସ ଚାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ସହ ଯାଞ୍ଚ କରାଯାଇଥିଲା। ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟର ୩୦୨ ନମ୍ବର ଫ୍ଲାଟରୁ ଟ୍ରଲି ବ୍ୟାଗ ଓ ଆଲମିରାରେ ଥିବା ନଗଦ ୪ କୋଟି ୨୭ ଲକ୍ଷ ୧୩ ହଜାର ୬୦୦ ଟଙ୍କା, ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଥିଲା। ସେହିପରି ଦେବବ୍ରତଙ୍କ କଟକସ୍ଥିତ ଅଫିସ ଚାମ୍ବରର ଟେବୁଲ ଡ୍ରୟରରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ କରାଯାଇଥିଲା। ଏସବୁ ବାଦ୍ ପାହାଳରେ ୨୪ ଶହ ବର୍ଗଫୁଟର ଦୁଇମହଲା କୋଠା ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



ଦେବବ୍ରତ ମହାନ୍ତି

- ଭିଜିଲାନ୍ସ ଅଫିସକୁ ଯାଇ ଆୟକର ବିଭାଗର ଛାନ୍‌ଭିନ୍
- ରିମାଣ୍ଡରେ ଆଣି କଳାଧନର ଗୁମର ଖୋଜିବ ଭିଜିଲାନ୍ସ
- ଘର, ଅଫିସ୍‌ରୁ ଜବତ ହୋଇଥିଲା ୪ କୋଟି ୨୮ ଲକ୍ଷ ଟଙ୍କା

### ୮ ହଜାର ଟଙ୍କାରୁ କୁବେର ଅଫିସର

୧୯୬୮ରେ ଜନ୍ମ ହୋଇଥିବା ଦେବବ୍ରତ ମହାନ୍ତି ୨୦୦୪ ଅଗଷ୍ଟ ୯ରେ ଜଣେ କନିଷ୍ଠ ଖଣି ଅଧିକାରୀ (ଜୁନିୟର ମାଇନିଂ ଅଫିସର) ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା ବଲାଙ୍ଗୀର ମାଇନିଂ ଅଫିସ୍‌ରେ। ଦରମା ପାଉଥିଲେ ୮ହଜାର ଟଙ୍କା। ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ବାରିପଦାରେ, ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ବ୍ରହ୍ମପୁରରେ ଓ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ କଟକରେ କାର୍ଯ୍ୟ କରିଥିଲେ। ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ସେ ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟ କରିଥିଲେ। ୨୦୧୮ ମାର୍ଚ୍ଚରେ ସେ ଆସିଷ୍ଟାଣ୍ଟ ମାଇନିଂ ଅଫିସର (ଚିଫ୍ ସର୍ଭେୟର) ଭାବେ ପଦୋନ୍ନତି ପାଇ ସମ୍ବଲପୁରରେ ଯୋଗଦେଇଥିଲେ। ୨୦୨୨ରୁ ୨୦୨୫ ପର୍ଯ୍ୟନ୍ତ ସେ ଫୁଲବାଣୀର ମାଇନିଂ ଅଫିସର ଭାବେ କାର୍ଯ୍ୟ କରିବା ସହ ଫୁଲବାଣୀ, ବୌଦ୍ଧ ଓ ନୟାଗଡ଼ ଦାୟିତ୍ୱରେ ଥିଲେ। ୨୦୨୬ ଜାନୁଆରୀ ୭ରେ ସେ କଟକ ମାଇନିଂ ସର୍କଲ(କଟକ ଓ କେନ୍ଦ୍ରାପଡ଼ା)ର ଉପନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ତେବେ ମାତ୍ର ୨୨ ବର୍ଷରେ ୮ ହଜାର ଟଙ୍କାରୁ କୁବେର ଅଫିସର ହେବା ପଛରେ ଲାଞ୍ଚ ଓ ଦୁର୍ନୀତି ରହିଥିବା ସନ୍ଦେହ କରାଯାଉଥିବାବେଳେ ଏବେ ଭିଜିଲାନ୍ସ, ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କିଭଳି ଏସବୁକୁ ପଦାକୁ ଆଣିବ ତାହା ଉପରେ ଏବେ ନଜର ରହିଛି।

# ସ୍ୱାମୀ ଲିପନ ସାହୁଙ୍କୁ ଆଜୀବନ କାରାଦଣ୍ଡ

## ବହୁଚର୍ଚ୍ଚିତ ଅଭିନେତ୍ରୀ ନିକିତା ହତ୍ୟାକାଣ୍ଡ ମାମଲା

କଟକ, ୨୬।୨ (କାର୍ତ୍ତିକ ସାହୁ)

ବହୁ ଚର୍ଚ୍ଚିତ ଅଭିନେତ୍ରୀ ନିକିତା ହତ୍ୟାକାଣ୍ଡ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କଟକ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଦାଲତ ମାମଲାର ବିଚାର କରି ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୨ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ମାମଲାରେ ଛନ୍ଦିହୋଇଥିବା ଅଭିଯୁକ୍ତ ସ୍ୱାମୀ ଲିପନଙ୍କ ବାପା ଲିଙ୍ଗରାଜ ସାହୁ ଓ ମା' କୁନ୍ତଳା ସାହୁଙ୍କୁ ନିର୍ଦ୍ଦୋଷରେ ଅଦାଲତ ଖଲାସ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ରେ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଓରଫ (ନିକିତା)ଙ୍କୁ ଲିପନ ସାହୁ ବିବାହ କରିଥିଲେ। କଟକ ମହାନଦୀବିହାରସ୍ଥିତ ସେଲିବ୍ରେଶନ ମଣ୍ଡପରେ ହିନ୍ଦୁ ରୀତିନୀତି ଅନୁଯାୟୀ ନିକିତାଙ୍କୁ ଲିପନ ବିବାହ କରିଥିଲେ।



ନିକିତା ଓ ସ୍ୱାମୀ ଲିପନ ସାହୁ

ସ୍ୱାମୀ ଲିପନ ବିବାହର କିଛି ଦିନ ପରେ ନିକିତାଙ୍କ ଉପରେ ଉଭୟ ଶାରୀରିକ ଓ ମାନସିକ ଅତ୍ୟାଚାର ଆରମ୍ଭ କରିଥିଲେ। ନିକିତାଙ୍କ ଫିଲ୍ମ ଅଭିନୟରୁ ମିଳୁଥିବା ପାରିଶ୍ରମିକ ଯେତିକି ରହିଥିଲା ତାହାଠୁ ଅଧିକ ଦେବାକୁ ଦାବି କରି ଶାଶୁଘର ଲୋକେ ତାଙ୍କୁ ଅତ୍ୟାଚାର କରୁଥିଲେ। ନିକିତା ଗର୍ଭବତୀ ହେବାପରେ ମାନସିକ ଶାନ୍ତି ପାଇବା ପାଇଁ ଭୁବନେଶ୍ୱରରେ ଏକ ଭଡ଼ାଘରେ ରହୁଥିଲେ। ୩ ମାସ ପରେ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଭଡ଼ା ଘର ଛାଡ଼ି ସେ ନିଜ ଘରକୁ ଫେରିଆସିଥିଲେ। କିନ୍ତୁ ତାଙ୍କ ଉପରେ ପୂର୍ବପରି ଅତ୍ୟାଚାର କମି ନ ଥିଲା ବରଂ ଅଧିକ ବଢ଼ିଥିଲା।

ନିକିତା ୨୦୧୯ରେ ଏକ ଶିଶୁପୁତ୍ର ଜନ୍ମ ଦେବା ପରେ ସ୍ୱାମୀଙ୍କ ସହ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ହଠାତ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ୨୦୧୯ ଜାନୁଆରୀ ୪ ତାରିଖ ସନ୍ଧ୍ୟାରେ ଉଭୟ ସ୍ୱାମୀସ୍ତ୍ରୀ ଛାତ ଉପରକୁ ଯାଇଥିଲେ। ଛାତ ଉପରୁ ନିକିତା ହଠାତ ତଳକୁ ଖସି ପଡ଼ି ଆହତ ହୋଇଥିଲେ। ନିକିତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପୁଣି ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୨୦୧୯ ଜାନୁଆରୀ ୫ରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ନିକିତାଙ୍କ ବାପଘର ଲୋକେ ସ୍ୱାମୀ ଓ ଶ୍ୱଶୁର ଘର ଲୋକମାନେ ଧକ୍କା ଦେଇ ହତ୍ୟା କରିଥିବା ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ।

# କନ୍ୟାଘରେ ବରଙ୍କୁ ଆକ୍ରମଣ, ୪ ଗିରଫ

## ମାରଣାସ୍ତ୍ର, ଗାଡ଼ି ଜବତ

ସମ୍ବଲପୁର/ରେଢ଼ାଖୋଲ, ୨୬।୨ (ପ୍ରମୋଦ ବହିଦାର/ ସନ୍ତୋଷ ବଘାର)

ସମ୍ବଲପୁର ଜିଲା ଚାରମାଳ ଥାନା ବଡ଼ବେର୍ଣ୍ଣା ଗ୍ରାମରେ ବୁଧବାର ଏକ ବିବାହ କାର୍ଯ୍ୟକ୍ରମରେ ବର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଚାରମାଳ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରମାଳ ଥାନା ବଡ଼ମାଳ ମଝିପଡ଼ାର ମୁଖ୍ୟ ଅଭିଯୁକ୍ତ ଆଲୋକ କୁମାର ସାହୁ (୩୬), ଲିପୁନ ଥାପା (୧୯), ପ୍ରତାପ ଦେହୁରୀ (୨୭) ଏବଂ ଟିକିରାପଡ଼ାର ବାବୁଲାଲ ବାଗ(୨୮)। ସେମାନଙ୍କ ନିକଟରୁ ଗୋଟିଏ ବୋଲେରୋ, ଏକ ଖଣ୍ଡା, ଲୁହା ପାଇପ୍, ଦୁଇଟି ମୋବାଇଲ୍ ଫୋନ୍ ଏବଂ ନଗଦ ୧୨,୯୭୦ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ଚାରମାଳ ଥାନାରେ ଏକ ମାମଲା(ନଂ.୩୫/୨୬) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ସୁବର୍ଣ୍ଣପୁର ଜିଲା କଳାପଥର ଗ୍ରାମର ବିଶ୍ୱାମିତ୍ର ପ୍ରଧାନଙ୍କ ପୁଅ ରୋହିତଙ୍କ ବିବାହ ବଡ଼ବେର୍ଣ୍ଣା ଗ୍ରାମରେ ହେଉଥିଲା। ବୁଧବାର ଅପରାହ୍ନରେ କନ୍ୟାଘରେ ବର ପହଞ୍ଚିବା କ୍ଷଣି ଆଲୋକ ଓ ତାଙ୍କ ସହଯୋଗୀମାନେ ଏକ ବୋଲେରୋରେ ଆସି ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ଖଣ୍ଡା ଓ ଲୁହା ପାଇପ୍‌ରେ ବରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହି ସମୟରେ ସେଠାରେ ଥିବା ଲୋକେ ଅଟକାଇବାରୁ ବର ରୋହିତ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ। ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ଆକ୍ସନ ମୋଡ୍‌ରେ ପୋଲିସ, ୭୨ ଗିରଫ

## ପିଲାଚୋର ଭାବି ନିର୍ବାଚନ ଅଧିକାରୀଙ୍କୁ ଆକ୍ରମଣ ଘଟଣା

ଜଳେଶ୍ୱର, ୨୬।୨ (ନବୀନ ସାହୁ)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳରେ ନିର୍ବାଚନ ଅଧିକାରୀ ଓ ପୋଲିସ ଉପରକୁ ହୋଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏହି ମାମଲାରେ ପୋଲିସ ବୁଧବାର ବିଳମ୍ବିତ ରାତିରେ ଜଳେଶ୍ୱର ଏବଂ ରାଇବଣିଆ ପୋଲିସ ମିଳିତ ଚଢ଼ାଉ କରି ୭୨ ଜଣ ମହିଳା ଓ ପୁରୁଷଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ଅଞ୍ଚଳର ୨ଜଣ ନିର୍ବାଚନ ଅଧିକାରୀ ରାଇବଣିଆ ଥାନା ଓଲମରା ପଞ୍ଚାୟତର ରାଜନଗର ପାଟଣାରେ ଥିବା ସୁବର୍ଣ୍ଣରେଖା ନଦୀକୁ ବୁଲିବା ପାଇଁ ଆସିଥିଲେ। ତେବେ ଗାଧୋଇ ସାରି ଫେରୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ପିଲାଚୋର ସନ୍ଦେହ କରି ଅତର୍କିତ ଆକ୍ରମଣ କରିଥିଲେ। ରାଇବଣିଆ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲା। ମାତ୍ର ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ କେବଳ ନିର୍ବାଚନ ଅଧିକାରୀଙ୍କୁ ନୁହେଁ, ବରଂ ଉପସ୍ଥିତ ପୋଲିସ କର୍ମଚାରୀ ଏବଂ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ହିଂସାକାଣ୍ଡକୁ ଗମ୍ଭୀରତାର ସହ ନେଇ ଜଳେଶ୍ୱର ଓ ରାଇବଣିଆ ପୋଲିସ ମିଳିତ ଭାବେ ବୁଧବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଗ୍ରାମରେ ଚଢ଼ାଉ କରିଥିଲା। ୭୨ ଜଣ ଉଭୟ ମହିଳା ଓ ପୁରୁଷଙ୍କୁ ଉଠାଇ ଆଣି ଜଳେଶ୍ୱର ଥାନାରେ ପଚରାଉଚୁରା ପରେ ଗିରଫ କରାଯାଇଛି। ଗାଁ ପୁରୁଷଶୂନ୍ୟ ହୋଇଛି। ରାଇବଣିଆ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଏବଂ ଆକ୍ରମଣର ଶିକାର ହୋଇଥିବା ୨ ନିର୍ବାଚନ ଅଧିକାରୀ ସୁମିତ ହାଜରା ଏବଂ ସୋମ ହାଁସଦାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୩୨/୨୬) ଏବଂ (ନଂ. ୩୩/୨୬)ରୁଜୁ କରିଛି। ଜଳେଶ୍ୱର ଥାନାରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ଜଗି ରହିଛନ୍ତି। ଜଳେଶ୍ୱର ଏବଂ ରାଇବଣିଆ ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

# ଅର୍ଥ ହେରଫେର, ଜମି ଜାଲିଆତି: ୫ ସ୍ଥାନରେ ଇଡ଼ି ଚଢାଉ

ଭୁବନେଶ୍ୱର,୨୬।୨(ତ୍ରିନାଥ ମହାନ୍ତି)

ଅର୍ଥ ହେରଫେର ଏବଂ ଜମି ଜାଲିଆତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ( ଇଡ଼ି) ଗୁରୁବାର ଭୁବନେଶ୍ୱରର ୫ଟି ସ୍ଥାନରେ ଚଢ଼ାଉ କରିଛି। ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟର ଶହୀଦନଗରସ୍ଥିତ କାର୍ଯ୍ୟାଳୟ ଉପରେ କୋଲକାତା ଇଡ଼ି ପକ୍ଷରୁ ରେଡ୍ କରାଯାଇଛି। ଭୁବନେଶ୍ୱରରେ ମୁମ୍ବାଇ ଲିଙ୍କ୍ ନେଇ ଖୋଳତାଡ଼ କରାଯାଉଛି। ବ୍ରହ୍ମପୁରରେ ସାହାରା ଇଣ୍ଡିଆ ଜମି ଜାଲିଆତି କରି ଜମି କିଣିଥବା ନେଇ ଅଭିଯୋଗ ହେବା ପରେ ଇଡ଼ି ପକ୍ଷରୁ ଏହି ଚଢ଼ାଉ ଆରମ୍ଭ ହୋଇଛି। ତେବେ ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟାଳୟ ସମେତ ହାଇଟେକ ମେଡିକାଲ କଲେଜ ଉପରେ ମଧ୍ୟ ରେଡ୍ କରାଯାଉଛି। ଚଢାଉ ସମୟରେ ଇଡି ଅଧିକାରୀମାନେ ବିଭିନ୍ନ କାର୍ଯ୍ୟାଳୟରୁ ଦସ୍ତାବିଜ୍ ଜବତ କରି ଛାନ୍‌ଭିନ୍ କରୁଛି। ଏଥିସହ ସଂସ୍ଥାର କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ତେବେ ଏହି ଚଢ଼ାଉ ସମ୍ପର୍କରେ ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟ ଓ ହାଇଟେକ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୩୧୮/୨୦୨୪

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାରିପଦା ଶାଖା .....ଆବେଦନକାରୀ
ବନାମ
ଶ୍ରୀ ମୁଚିରାମ କିସ୍କୁ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
ଶ୍ରୀ ମୁଚିରାମ କିସ୍କୁ, ପିତା: ରାଇସେନ କିସ୍କୁ, ସା: ଗୁଣ୍ଡୁରିଆ, ପୋ: ଅଁଳାଯୋଡି, ଥାନା: ବହଳଦା, ଭାୟା: ଗୋରୁମହିଷାଣି, ରାଇରଙ୍ଗପୁର, ମୟୂରଭଞ୍ଜ, ଓଡ଼ିଶା-୭୫୭୦୪୨

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
**ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୩୧୮/୨୦୨୪ ଦ୍ୱାରା ଟ.୨୧,୪୪,୯୦୭.୫୯ ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଅଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍‌ର ଖବରକାଗଜ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୨୦.୦୫.୨୦୨୬ରିଖ ପୂର୍ବାହ୍ନ ୧୦:୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ଆପଣ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୧୯ ଫେବୃୟାରୀ, ୨୦୨୬ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



**OFFICE OF THE EXECUTIVE ENGINEER, PWD (B/R) DIVISION NO.1, SAGAR**
Phone No.: 07582-222296, E-mail: eepwdsagar@mp.nic.in
NIT No. 33/TC/2025-26 SAGAR Date: 20.02.2026
Online bids for the following works are invited from registered contractors and firms of repute fulfilling registration criteria:

| Sl. No. | Tender Portal No. | Name of Work | District | Probable Amount Contract (Rs. in) | Earnest Money Deposit (EMD) (in Rs.) | Cost of Bid Document (in Rs.) | Period of Completion (in months i/c Rainy Season) | Remark |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | 2026_ PWDRB_ 483804_1 | Construction of road from Tikriya Tigdda to Dhultara Fourlane Road length - 2.00 Km. PAC 211.01 Lakh (4th Call) | Sagar | 21101000 | 211010 | 15000 | 06 Months i/c Rainy Season | 4th Call |
| | | | | **21101000** | | | | |

1. All details relating to the Bid document(s) can be viewed and downloaded free of cost from the website **http://mptenders.gov.in**.
2. Bid document(s) can be purchased after making online payment of portal fees through Credit/Debit/Cash Card/Internet Banking.
3. The Bid document(s) can be purchased only online from 20.02.2026 (time) 10.30 A.M. to 04.03.2026 time 17.30 P.M. Other key dates may be seen in Bid Data Sheet.
4. Amendment(s) to NIT, if any, shall be published on website only, and not in Newspaper.

G-26501/25 Sd./- Executive Engineer, PWD (B/R) Division No. 1, Sagar



**Bhubaneswar Development Authority**
Akash Shova Building, Sachivalaya Marg,
Bhubaneswar-751001, Odisha Ph : 0674-2396437
Notice No. : 3701/BDA Dated : 18/02/2026
BDA-PPP-PLAN-0001-2026 (OSWAS)
Request for Proposal (RFP)
**COMPOSITE COMMUNITY MARKET & HIGH-END RESIDENTIAL/COMMERCIAL FACILITIES**
**over Prime land at Jharpada, Bhubaneswar on Public Private Partnership (PPP) - Call 2**

**No.13001/369/2526** : The **Bhubaneswar Development Authority (BDA)** invites Private Developers for the development of a Composite Project including a 'Community Market' and Residential and/or Commercial facilities over 0.7818 Ha (1.932 Ac) of prime freehold land at Bhubaneswar on PPP mode. The site enjoys a frontage on both the 24 meters wide Jail Road and 9 meters wide Jharpada road. Additionally, the proposed 60 meters wide Jharpada Canal Road (CDP Road) will add greater proximity to the site.
Interested agencies may participate in this tender through the e-procurement portal of the Government of Odisha. The RFP documents will be available from **20.02.2026 to 23.03.2026** and can be downloaded from www.odishatenders.gov.in. The completed proposal, as per instruction in the RFP document, should be uploaded in the portal latest by **23.03.2026 up to 1600 hrs**. The Pre-Bid meeting is on **06.03.2026 at 1600 hrs**. at the Office of the BDA. Please refer to the RFP document for further details.
*BDA reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.*

Sd./- Secretary-cum-Member Estate
Bhubaneswar Development Authority
OIPR-13001/13033/1/25-26/0037



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER; KENDRAPARA**
No.CDMPHOKDPR-FW-IMMUN-0001-2026-2351/2026 (Estt.Veh)
Dated 23.02.2026
**TENDER CALL NOTICE FOR HIRING OF PRIVATE VEHICLES**

**No.10001/86/2526:** Sealed tenders are invited from registered Travel Agencies/Tour Operators/Service providers or Private Individuals for providing of 04 (Four) Nos. of BS-VI commercial light vehicles (AC vehicles) (Bolero/TUV 300/Sumo Gold/Ertiga etc. or any other similar type of vehicles) having seating capacity minimum 07 (Seven), including driver on Monthly hire basis. Details regarding eligibility criteria, terms & conditions and the formats of submission of tender (Technical & Financial Bid) are mentioned in the tender document which may be downloaded from the website: [ i.e. https://kendrapara.odisha.gov.in/] Interested Travel Agencies/ Tour Operators/ Service Providers or Private Individuals may submit their tenders in a sealed envelope super-scribing on the top of the sealed envelope as **"Tender for Hiring of Vehicles on Monthly Basis in reference to Advertisement No.........../ 2026 dtd.....................**

The tenders should reach the office of the undersigned by dt.16.03.2026 (till 5.30 PM). The Tenders will be opened on dt.17.03.2026 at 03.00 PM. The undersigned reserves the right to reject any or all the tenders without assigning any reason thereof.

OIPR-10001/10018/1/25-26/0002 Sd./- Chief District Medical & Public Health Officer, Kendrapara



**OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA**
Phone / Fax : 0674-2540578 (O) / e-Mail : eephiiibbsr@gmail.com
**Government of Odisha "e" procurement Notice**
No.13001/372/2526 **Bid Identification No. - 85/2025-26**

| | | | |
|---|---|---|---|
| 1. | Name of the Work | : | 01 No. of work |
| 2. | Estimated cost | : | 23.25 lakh |
| 3. | Period of completion | : | One month |
| 4. | Date & Time of availability of bid document in the portal | : | From 11.00 A.M. of 23.02.2026 to 12.00 Noon of 05.03.2026 |
| 5. | Last date/time for receipt of bids in the portal | : | 01.00 P.M. of 05.03.2026 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer
P.H. Division, Bhubaneswar
OIPR-13001/13258/1/25-26/0002



**ALL INDIA COORDINATED RESEARCH PROJECT ON INTEGRATED FARMING SYSTEMS**
भा.कृ.अनु.प ICAR
Odisha University of Agriculture & Technology
Bhubaneswar-751003, Odisha
Mob:9437926890, Email: aicrp.ifs@ouat.ac.in,
Website:www.ouat.ac.in
Circular No.46, dated 21.02.2026
**INDICATIVE ADVERTISEMENT**

**No.1001/35/2526:** A Walk-in-Interview for the post of two Young Professional-I (YP-I) in the Pilot Project for Crop Diversification under AICRP on Integrated Farming Systems, OUAT will be held on 06.03.2026 at 10.00 AM in the Directorate of Research, OUAT, Bhubaneswar. The engagement is purely contractual and coterminous with the project with consolidated emoluments of Rs.30,000/- per month (fixed). The engagement will be upto 31st March, 2026 which may be extended upto one more year subject to satisfactory performance and approval from the funding agency. The details of the eligibility, age limit, terms of engagement and other relevant information are available in the OUAT website: www.ouat.ac.in.

OIPR-1001/1036/1/25-26/0011 Sd./- Chief Agronomist



**OFFICE OF THE DEAN & PRINCIPAL SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
At- Bhangabari, PO- Uditnarayanpur, Bhawanipatna Dist- Kalahandi, Pin-766002
Email: bptmedicalcollege@gmail.com, Website : https://srmmch.odisha.gov.in/
Advt.No. 541 Date: 20.02.2026
**TENDER CALL NOTICE FOR MEDICAL BOOKS**

**No.10001/82/2526** : Sealed bids as per the prescribed format Agencies/Individuals for engagement / Tender Call Notice for Medical Books for by the office of SRM MCH, Bhawanipatna, Kalahandi as and when required Details Eligibility criteria, TOR, format for submission of bid etc. are available in SRM MCH, Bhawanipatna Kalahandi during office hour.

The detail terms and conditions may be down loaded from the website: https://srmmch.odisha.gov.in/ The bids (Superscripted bids for Tender Call Notice for Medical Books) through Speed Post/ Courier only on or before **13.03.2026 at 05:00 PM to the Office of the SRM Medical College & Hospital, Bhawanipatna, Kalahandi Pin code-766002**. The bids will be opened on **18.03.2026 at 11:30 AM.** The undersigned reserves the right to reject any or all the bids without assigning any reason thereof.

Sd./- Dean & Principal
OIPR-10001/10229/1/25-26/0020 SRM MCH, Bhawanipatna, Kalahandi



**BRAHMAPUR MUNICIPAL COPORATION, GANJAM INVITATIONS FOR BIDS (IFB)**
Letter No.4195/ Date:21.02.2026
Invitation for Bids
COMPETITIVE BIDDING THROUGH E-PROCUREMENT
Bid Identification No.BMC (BAM)/ 2025-2026
No.13001/379/2526

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ON-LINE MODE only, as per annexure "A" | |
| 2 | Nature of Work | Works 03 |
| 3 | No. of Work | Nos.03 |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid documents in the website | From 15.05 hrs. of Dt.24.02.26 to 17.00 hrs. of 10.03.2026 |
| 8 | Date & Time of Opening of the Bids | 11.30 hrs. onwards on Dt.11.03.26 |
| 9 | Mode of Submission of tender | Tender should submitted Online in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation,
OIPR-13001/13035/1/25-26/0003 Berhampur, Odisha



**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, ITDA, NILGIRI**
e-Procurement Notice
e-Procurement Notice Bid Identification No.ITDANGR-02/2025-26
**Notice No.95/ITDA, Date:23.02.2026**

**No.26001/4/2526:** The Project Administrator, ITDA, Nilgiri on behalf of Governor of Odisha invites Percentage Rate bids in online mode for construction of the work detailed below:
1.Nature of the Work: Const. of 1st floor of Auditorium Building of SCSTRTI, Bhubaneswar & 2nd & 3rd Floor of PVTG building of SCSTRTI, Bhubaneswar., etc.
2. Total No. of Work: 2 (Two) Nos. (Approximately)
3. Estimated Cost: Rs.1,49,61,400/- to Rs.2,99,96,400/- (Approximately)
4. Class of Contractor: "B" Class & "B" & "A" Class.
5. Period of Completion: Eleven Calendar Months
6. Availability of Bids: 10.00 AM of 02.03.2026 to 5.00 PM of 16.03.2026
7. Date of Opening & Scrutiny to Technical Bid: 11.00 AM of 17.03.2026
The bidders have to participate in ONLINE bidding only. The details will be available in the website www.tendersorissa.gov.in from 10.00 AM of 02.03.2026 to 5.00 PM of 16.03.2026.

Sd./- Project Administrator
OIPR-26001/26055/1/25-26/0001 ITDA, Nilgiri



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER PUBLIC HEALTH DIVISION, BALANGIR**
13001/376/2526
Email ID- eephbgr@yahoo.co.in, Ph.No.-(06652-234647)
NOTICE INVITING TENDERS
NATIONAL COMPETITIVE BIDDING THROUGH e-PROCUREMENT
Bid Identification No. ACEPHBGR 19/2025-26, Dt.18.02.2026

| | | | |
|---|---|---|---|
| 01. | Name of the Work | : | 06 No. |
| 02. | Estimated Cost | : | Approx Rs.11.28 Lakhs to 688.91 Lakhs |
| 03. | Period of Completion | : | 1 Month to 12 Months |
| 04. | Date & Time of availability of bid document in the portal | : | From 11.00 AM of dt.26.02.2026 to 5.00 PM of dt.12.03.2026 |
| 05. | Last date/time of receipt of bids in the Portal | : | 5 PM of dt.12.03.2026 |
| 06. | Date & Time of opening of bids | : | At 11.00 AM of dt.13.03.2026 |
| 07. | Name and Address of the Officer Inviting Bid | : | The Superintending Engineer Office of the Superintending Engineer, Public Health Division Balangir, At-Tulasinagar, Po/Dist-Balangir, Pin-767001, Odisha Phone:06652-234647 E-mail:eephbgr@yahoo.co.in |

Further details can be seen from the website **https://tenders.ori.nic.in or www.tendersodisha.gov.in**

Sd./- Addl. Chief Engineer,
P.H. Division, Balangir
OIPR-13001/13005/1/25-26/0002



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, NAYAPALLI, BHUBANESWAR- 751012
CIN: U51211OR1980SGC000894
Tel.No.:0674-239539, Fax No.0674-2395291, website:www.oscsc.in
Tender No.3737/P-II/25/2025/PDS Dt.25.02.26
No.7001/14/2526:Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
